୬ ଟିମ୍ ଇଣ୍ଡିଆକୁ ୨୧ କୋଟି ପୁରସ୍କାର ଦେଲା ବିସିସିଆଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୪୩ ● ୩୦ ସେପ୍ଟେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-243 ● 30th September 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







## ୪ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ

# ଘଟଗାଁ ତାରିଣୀ ପୀଠର ବିକାଶ ପାଇଁ ୨୨୬ କୋଟି

### ୨୨୦୦ ମଡେଲ ସ୍କୁଲ ପାଇଁ ୧୨ ହଜାର କୋଟି, ରାତିରେ କାମ କରିପାରିବେ ମହିଳା

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ



ସୋମବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନମୋଦନ ମିଳିଛି। କେନ୍ଦୁଝର ଘଟଗାଁ ମା' ତାରିଣୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ୨୨୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମା ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଦ୍ୱାରା ଭକ୍ତମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ। ଏହି ବିକାଶର ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ଅର୍ଥନୈତିକ ବିକାଶ ହେବ । ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କା ମୂଲ୍ୟର ସର୍ବନିମ୍ନ ଟେଣ୍ଡର (ଜି.ଏସ୍.ଟିକୁ ବାଦ୍ ଦେଇ) ମେସର୍ସ ଦିଲ୍ଲୀପ କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ଅନୁମୋଦନ କରିଛନ୍ତି। ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ଭିତରେ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି।

ଏଠାରେ ଭକ୍ତଙ୍କ ସୁବିଧା ପାଇଁ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ , ତୀର୍ଥ ଯାତ୍ରୀ କେନ୍ଦ୍ର , ଇଣ୍ଟରପ୍ରିଟେସନ୍ ସେଣ୍ଟର , ଫୁଡ୍ ପ୍ଲାଜା ଏବଂ ୱାଚ୍ ଟାୱାର , ମାର୍କେଟ୍ କମ୍ପ୍ଲେକ୍ସ , ନଡ଼ିଆ ଭଣ୍ଡାର ଓ ପ୍ରସାଦ ସେବନ ପ୍ରକୋଷ୍ଠ (୫୦୦ ଜଣ ବସିଲା ଭଳି) ଏବଂ ଜିନିଷ ରଖିବା ଘର କରାଯିବ। ଏହି ସବୁ କାର୍ଯ୍ୟ ସମାପ୍ତ ହେଲା ପରେ, ଘଟଗାଁ ସ୍ଥିତ, ମାଙ୍କ ପୀଠ, ଭାରତର ପ୍ରମୁଖ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବରେ (ପୃଷ୍ଠା ୭ରେ)

# ବିହାର ପାଇଁ ୩ ଅମୃତ ଭାରତ ଏକ୍ସପ୍ରେସ୍ ସହ ୭ଟି ନୂଆ ଟ୍ରେନ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ପାଟନା, ୨୯।୯



କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହିତ ସୋମବାର ବିହାରରେ ମୋଟ ୭ଟି ନୂତନ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଯେଉଁଥିରେ ୩ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଅନ୍ତର୍ଭୁକ୍ତ। ଏହି ନୂତନ ଟ୍ରେନଗୁଡ଼ିକ ବିହାରରେ ସଂଯୋଗୀକରଣକୁ ଏକ ନୂତନ ଦିଗ ପ୍ରଦାନ କରିବ ଏବଂ ଯାତ୍ରୀମାନଙ୍କୁ ଉତ୍ତମ ଯାତ୍ରା ସେବା ପ୍ରଦାନ କରିବ। ଏହି ନୂତନ ଟ୍ରେନଗୁଡ଼ିକର ଉଦଘାଟନ ସହିତ, ସାରା ଦେଶରେ କାର୍ଯ୍ୟ କରୁଥିବା ୩୦ଟି ଅମୃତ ଭାରତ ଏକ୍ସପ୍ରେସ ସେବା ମଧ୍ୟରୁ ବିହାରରେ ମୋଟ ୨୬ଟି ଅମୃତ ଭାରତ ଏକ୍ସପ୍ରେସ ସେବା କାର୍ଯ୍ୟକ୍ଷମ ହୋଇଛି।

ମୁଜାଫରପୁର-ଚାର୍ଲାପାଲି ଅମୃତ ଭାରତ ଏକ୍ସପ୍ରେସ ହେଉଛି ମୁଜାଫରପୁରରୁ ଦକ୍ଷିଣ ଭାରତକୁ ଯାଉଥିବା ପ୍ରଥମ ଅମୃତ ଭାରତ ଟ୍ରେନ, ଯେତେବେଳେ ଛାପରା-ଆନନ୍ଦ ବିହାର ଅମୃତ ଭାରତ ଏକ୍ସପ୍ରେସ ବିହାରରୁ ଦିଲ୍ଲୀକୁ ଯାଉଥିବା ଷଷ୍ଠ ଅମୃତ ଭାରତ ଟ୍ରେନ ପାଲଟିଛି।

ଏହି ଅତ୍ୟାଧୁନିକ ସ୍ୱଦେଶୀ ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କୁ ଏକ ଦ୍ରୁତ, ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ଏଗୁଡ଼ିକ ଦେଶର ବିଭିନ୍ନ ଅଂଶ, ବିଶେଷକରି ଉତ୍ତର ଏବଂ ଦକ୍ଷିଣ ଭାରତ ସହିତ ବିହାରର ସଂଯୋଗକୁ ସୁଦୃଢ଼ କରିବ। ଏଗୁଡ଼ିକର କାର୍ଯ୍ୟ ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିଯୁକ୍ତି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

ଏହି କାର୍ଯ୍ୟକ୍ରମରେ, କେନ୍ଦ୍ରମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ କହିଥିଲେ ଯେ ବିହାରରେ ବିକାଶର ଗତି ଏପରି ଯେ ନିକଟ ଭବିଷ୍ୟତରେ ରାଜ୍ୟ ଏକ (ପୃଷ୍ଠା ୭ରେ)

## ଅପରେସନ୍ ଅଗ୍ନିରେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେଆଇନ ବିସ୍ଫୋରକ ଜବତ

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଓଡିଶା ପୋଲିସ ତରଫରୁ ସମଗ୍ର ଓଡ଼ିଶାରେ "ଅଗ୍ନି" ନାମକ ବିଶେଷ ଅଭିଯାନ ଚଳାଯାଇଥିଲା। ଆସନ୍ତା ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ବେଆଇନ ବିସ୍ଫୋରକ ଭଣ୍ଡାର, ବିନା ଅନୁମତିରେ ପରିବହନ ଓ ବେଆଇନ ଆତସବାଜି ବିକ୍ରୟକୁ ରୋକିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି।

ସମଗ୍ର ରାଜ୍ୟରେ ସର୍ବମୋଟ ୧୮୪ ଟି ମାମଲା ରୁଜୁ ହୋଇଥିବା ବେଳେ, ୧୩୩ ଜଣଙ୍କୁ ଗିରଫ ଏବଂ ୪୫ ନୋଟିସ ଜାରି କରାଯାଇଛି। ମୋଟ ଆନୁମାନିକ ୮,୨୪,୬୦,୭୦୦ ଟଙ୍କା ମୂଲ୍ୟର ସାମଗ୍ରୀ ଜବତ କରାଯାଇଛି।

"ଅଗ୍ନି" ଅଭିଯାନ ଫଳରେ ରାଜ୍ୟରେ ବେଆଇନ ଆତସବାଜି ଓ ବିସ୍ଫୋରକ ବ୍ୟବସାୟରେ ରୋକ ଲାଗି ପାରିଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ରାଜ୍ୟ ପୋଲିସର ଏହି ପ୍ରୟାସ ପର୍ବ-ପର୍ବାଣି ସମୟରେ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷାକୁ ସୁନିଶ୍ଚିତ କରିଛି।

# ଶିରୀଷ ଚନ୍ଦ୍ର ମୁର୍ମୁ ଆରବିଆଇ ଡେପୁଟି ଗଭର୍ଣ୍ଣର ନିଯୁକ୍ତ

ନୂଆଦିଲ୍ଲୀ, ୨୯।୯

କେନ୍ଦ୍ର ସରକାର ଶିରୀଷ ଚନ୍ଦ୍ର ମୁର୍ମୁଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତ କରିଛନ୍ତି। ସେ ରାଜେଶ୍ୱର ରାଓଙ୍କ ସ୍ଥାନ ନେବେ ଏବଂ ତିନି ବର୍ଷ ପାଇଁ କାର୍ଯ୍ୟ କରିବେ।

ସୋମବାର ସରକାରୀ ସୂତ୍ର ପ୍ରକାଶ ଯେ, କ୍ୟାବିନେଟର ନିଯୁକ୍ତି କମିଟି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟି ଗଭର୍ଣ୍ଣର ଭାବରେ ଶିରୀଷ ଚନ୍ଦ୍ର ମୁର୍ମୁଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ମୁର୍ମୁଙ୍କ ନିଯୁକ୍ତି ଅକ୍ଟୋବର ୯ ତାରିଖରୁ କାର୍ଯ୍ୟକାରୀ ହେବ।



ସେ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ବର୍ତ୍ତମାନର ଡେପୁଟି ଗଭର୍ଣ୍ଣର ରାଜେଶ୍ୱର ରାଓଙ୍କ ସ୍ଥାନରେ ଶିରୀଷ ଚନ୍ଦ୍ର ମୁର୍ମୁ (ପୃଷ୍ଠା ୭ରେ)

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ଶିରୀଷ ଚନ୍ଦ୍ର ମୁର୍ମୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିରୀଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଶିରୀଷ ମୁର୍ମୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଥିବାରୁ ମୁଁ ତାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ (ପୃଷ୍ଠା ୭ରେ)

## ମୈଦାନରେ ବି ଅପରେସନ ସିନ୍ଦୂର

# ଏସିଆ କପ୍ ବିଜୟ ପାଇଁ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସିଆ କପ୍ ୨୦୨୫ର ଫାଇନାଲରେ ପାକିସ୍ତାନ ଉପରେ ଭାରତର ବିଜୟକୁ 'ଅପରେସନ୍ ସିନ୍ଦୂର'ର ପରିଣାମ ସହିତ ତୁଳନା କରି, ଭାରତୀୟ କ୍ରିକେଟ୍ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଫିଲ୍ଡରେ ଚାଲିଥିବା ଅଭିଯାନର ପରିଣାମ ଏକ – ଭାରତର ଜିତ। (ପୃଷ୍ଠା ୭ରେ)



# ଫିଲ୍ମ ଉପରେ ୧୦୦% ଟାରିଫ୍ ଘୋଷଣା କଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୯।୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଘୋଷଣା କରିଛନ୍ତି ଯେ, ଆମେରିକା ବାହାରୁ ନିର୍ମିତ ସମସ୍ତ ଫିଲ୍ମ ଉପରେ ୧୦୦% ଟାରିଫ୍ ଲାଗୁ କରାଯିବ। ଟ୍ରମ୍ପ କହିଛନ୍ତି, "ଆମର ଫିଲ୍ମ ନିର୍ମାଣ ବ୍ୟବସାୟକୁ ଅନ୍ୟ ଦେଶଗୁଡ଼ିକ ଚୋରି କରି ନେଇଛନ୍ତି, ଯେମିତି ଶିଶୁଙ୍କ ମୁହଁରୁ ମିଠାଇ ଚୋରାଇବା।" କାଲିଫୋର୍ଣ୍ଣିଆର 'ଦୁର୍ବଳ



ଗଭର୍ଣ୍ଣର'କୁ ଦୋଷୀ କରି ଟ୍ରମ୍ପ ଏହି 'ଦୀର୍ଘଦିନର ସମସ୍ୟା'ର (ପୃଷ୍ଠା ୭ରେ)

# ପିଏମ୍ ଇ-ଡ୍ରାଇଭ୍ ଯୋଜନାରେ ମିଳିବ ୨୦୦୦ କୋଟିର ସବ୍‌ସିଡି

ନୂଆଦିଲ୍ଲୀ, ୨୯।୯

କେନ୍ଦ୍ର ସରକାର ପିଏମ୍ ଇ-ଡ୍ରାଇଭ ଯୋଜନା ଅଧୀନରେ ସହର ଓ ରାଜପଥଗୁଡ଼ିକରେ ଇଲେକ୍ଟ୍ରିକ ଯାନ ଚାର୍ଜିଂ ଭିତ୍ତିଭୂମି ବିକାଶ ପାଇଁ ୨୦୦୦ କୋଟି ଟଙ୍କାର ସବ୍‌ସିଡି ଘୋଷଣା କରିଛନ୍ତି। ଭାରୀ ଶିଳ୍ପ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ, ସରକାରୀ ଅଫିସ, ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗରେ ମାଗଣା ସର୍ବସାଧାରଣ ବ୍ୟବହାର ପାଇଁ ଚାର୍ଜିଂ ଷ୍ଟେସନ



ପାଇଁ ୧୦୦% ସବ୍‌ସିଡି ମିଳିବ।

ବସ୍ ଡିପୋ, ମେଟ୍ରୋ ଷ୍ଟେସନ, ମ୍ୟୁନିସିପାଲ ପାର୍କିଂ ଓ ଏନଏଚଏଆଇ ପରିଚାଳିତ ଟୋଲ ପ୍ଲାଜାରେ ଭିତ୍ତିଭୂମି ଖର୍ଚ୍ଚ ୮୦% ଓ ଚାର୍ଜିଂ ଉପକରଣର ୭୦% ସବ୍‌ସିଡି ମିଳିବ। ବିମାନବନ୍ଦର, ରେଳ ଷ୍ଟେସନ, ମେଟ୍ରୋ ଡିପୋ ଓ ସରକାରୀ ତୈଳ କମ୍ପାନୀଗୁଡ଼ିକର ଇନ୍ଧନ ଷ୍ଟେସନରେ ମଧ୍ୟ ସମାନ ସହାୟତା ମିଳିବ।

ଏକ କୋଟିରୁ ଅଧିକ ଜନସଂଖ୍ୟା ଥିବା ସହର, ରାଜଧାନୀ, ସ୍ମାର୍ଟ ସିଟି ଓ ଜାତୀୟ ରାଜପଥକୁ ପ୍ରାଧାନ୍ୟ ଦିଆଯିବ। ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ (ବିଏଚଇଏଲ) ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (ପୃଷ୍ଠା ୭ରେ)

## ମେଘାଳୟରୁ ୨.୫ କୋଟି ଟଙ୍କାର ହେରୋଇନ୍ ଜବତ

ଶିଲଂଗ, ୨୯।୯

ମେଘାଳୟରେ ମାଦକ ପଦାର୍ଥ ଚୋରାଚାଲାଣ ବିରୁଦ୍ଧରେ ବଡ଼ ପଦକ୍ଷେପ ନେଇ ପୁଲିସ୍ ପଶ୍ଚିମ ଜୟନ୍ତିଆ ହିଲ୍ସ ଜିଲ୍ଲାରେ ପ୍ରାୟ ୨.୫ କୋଟି ଟଙ୍କା ମୂଲ୍ୟର ହେରୋଇନ୍ ଜବତ କରିଛି ଓ ମଣିପୁରର ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଜିଲ୍ଲା ପୁଲିସ ଓ ରାଜ୍ୟ ମାଦକ ପଦାର୍ଥ ନିରୋଧକ କାର୍ଯ୍ୟବଳଙ୍କ ସଂଯୁକ୍ତ ଦଳ ଏକ ଗୁପ୍ତ ସୂଚନା ଆଧାରରେ ଗତ ରାତିରେ ଫ୍ରାମର୍ ମେର୍ ପୁଲିସ୍ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଟିମ୍ ଇଣ୍ଡିଆ କହିଲା ନେବୁନି
ପାକିସ୍ତାନ ଠାରୁ ଟ୍ରଫି
ଆଗା କହିଲା ପଇସା ନେବୁନି
ରାଗିପାଚି କମ୍ପି କମ୍ପି
ଟିମ୍ ଇଣ୍ଡିଆ ହାପି
ଆକ୍ରାର ମୁଣ୍ଡେ ରକା ପସିଗଲା
ରଉଫ୍ ଛକ୍କା ଗୁଡା ଗଲାଗେମ୍ପି ।

# ୧୯୩ ପୂଜା ମଣ୍ଡପ ସୁରକ୍ଷାରେ ୬୧ ପ୍ଲାଟୁନ ପୋଲିସ୍ ଫୋର୍ସ





ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ଦୁର୍ଗାପୂଜା ପାଇଁ ରାଜଧାନୀରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୯୩ଟି ପୂଜା ମଣ୍ଡପରେ ଲୋକଙ୍କ ସୁରକ୍ଷାକୁ ନିୟନ୍ତ୍ରଣ ପାଇଁ ୬୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଯାହା ଭିତରେ ୩ ପ୍ଲାଟୁନ ସେଣ୍ଟ୍ରାଲ ଆର୍ମଡ ଫୋର୍ସ ମଧ୍ୟ ରହିଛନ୍ତି ବୋଲି ପୋଲିସ୍ କମିଶନର ଏସ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

ସେ କହିଛନ୍ତି ୩ ଜଣ ଡିସିପି ର୍‍ୟାଙ୍କ ଅଫିସର ସୁରକ୍ଷା ବ୍ୟବସ୍ଥା ମନିଟର କରୁଛନ୍ତି। ୨୪ ଟି ପେଣ୍ଡାଲରେ ମା'ଙ୍କ ମୂର୍ତ୍ତିରେ ସୁନା ଓ ରୂପା ଅଳଙ୍କାର ବ୍ୟବହାର ହେଉଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥା ବ୍ୟାପକ ହୋଇଛି। ଡ୍ରୋନ୍ ଦ୍ୱାରା ମଧ୍ୟ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ହେଉଛି । ୪ ଟି ଡ୍ରୋନ୍ ର ବ୍ୟବସ୍ଥା ହୋଇଛି। ଏସବୁକୁ ସ୍ମାର୍ଟ ସିଟି କ୍ୟାମେରା ଦ୍ୱାରା ମନିଟର କରାଯାଉଛି। କମିଶନରେଟ ପୋଲିସର ହର୍ ଟିମ ମହିଳାଙ୍କ ସୁରକ୍ଷା ଦିଗରେ ନିୟୋଜିତ ହୋଇଛନ୍ତି । ମୋବାଇଲ ପାଟ୍ରୋଲିଂ ବ୍ୟାପକ ହୋଇଛି। ଷ୍ଟ୍ରାଇକିଂ ଫୋର୍ସ , ସ୍ପେଶାଲ ଟାକ୍ଟିକାଲ ୟୁନିଟ, ବମ ଡିସ୍ପୋଜାଲ ସ୍କ୍ୱାଡ ମଧ୍ୟ ମୁତୟନ ହୋଇଛନ୍ତି। ରାଜଧାନୀବାସୀଙ୍କ (ପୃଷ୍ଠା ୭ରେ)


# ବଙ୍ଗୋପସାଗରରେ ନୂଆ ଲଘୁଚାପ ଦୁର୍ଗାପୂଜାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୯।୯

ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ନୂଆ ଲଘୁଚାପ ସୃଷ୍ଟି ହେବାରୁ ଓଡ଼ିଶାରେ ଦୁର୍ଗାପୂଜା ଉତ୍ସବ ମଳିନ କରିପାରେ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୂଚନା ଅନୁଯାୟୀ, ଅକ୍ଟୋବର ୩ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ।

ଆଇଏମ୍‌ଡି କହିଛି, ୩୦ ସେପ୍ଟେମ୍ବରରେ ଉତ୍ତର ଆଣ୍ଡାମାନ ସାଗରରେ ଏକ ସାଇକ୍ଲୋନିକ୍ ସର୍କୁଲେସନ୍ ସୃଷ୍ଟି ହେବ ଏବଂ ୧ ଅକ୍ଟୋବର ଉତ୍ତର ଓ ମଧ୍ୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ।



ଏହା ପଶ୍ଚିମବଙ୍ଗ-ବାଂଲାଦେଶ କିମ୍ବା ଓଡ଼ିଶା ଉପକୂଳ ଆଡ଼କୁ ଗତି କରିପାରେ। ରିପୋର୍ଟ ଅନୁଯାୟୀ, ଏହା ଅକ୍ଟୋବର ୨ରେ ଡିପ୍ରେସନ୍‌ରେ ପରିଣତ ହୋଇ ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିପାରେ। ଅକ୍ଟୋବର ୧ରୁ (ପୃଷ୍ଠା ୭ରେ)





## ଗ୍ରାହକ ସେବା କେନ୍ଦ୍ରରେ ଟଙ୍କା ଠକେଇ

# ୫୦ରୁ ଅଧିକ ଗ୍ରାହକ ଠକାମିର ଶିକାର, ୩୦ ଲକ୍ଷ ନେଇ ସ୍ୱାମୀ-ସ୍ତ୍ରୀ ଫେରାର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସାଇବର ଠକାମୀ ପରି ଏବେ ବିଭିନ୍ନ ମିନି ବ୍ୟାଙ୍କ ଖୋଲି ଗ୍ରାମାଞ୍ଚଳର ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କା ଠକୁଥିବାର ଦେଖିବାକୁ ମିଳିଛି। ଧାମନଗର ଥାନା ଗୋବିନ୍ଦପୁର ବଜାରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରୁ ଟଙ୍କା ଠକେଇ ନେଇ ରବିବାର ଧାମନଗର ଥାନା ରେ ଅଭିଯୋଗ ହୋଇଛି। ଉକ୍ତ କେନ୍ଦ୍ରର ମାଲିକ ସତ୍ୟବ୍ରତ ନାଥ ଓ ତାଙ୍କ ସ୍ତ୍ରୀ ସୁଧାଂଶୁ ବାଳା ନାଥଙ୍କ ବିରୋଧରେ ଏହି ଅଭିଯୋଗ ହୋଇଛି। ୨ଟି ଶାଖାକୁ ଗୋଟାଏ ସ୍ଥାନରେ କରି ସତ୍ୟବ୍ରତ ଉଭୟର କାର୍ଯ୍ୟ ବୁଝୁଥିବା ବେଳେ ଏହି ଟଙ୍କା ଠକିଛନ୍ତି। ସ୍ଥାନୀୟ କଲ୍ୟାଣୀ ଓ ଗୋବିନ୍ଦପୁର ଗ୍ରାମ ଲୋକେ ଏହି ଠକାମିର ଶିକାର ହୋଇଛନ୍ତି। କଲ୍ୟାଣୀ ଗ୍ରାମର ଗୌରୀ ମହାପାତ୍ର ୫୩ ହାଜର ୭୦୦ ଟଙ୍କା ବ୍ୟାଙ୍କ ଖାତାରେ ରଖିଥିଲେ। ତାଙ୍କ ଅଜଣାତରେ ସବୁ ଟଙ୍କା ଉଠାଇ ନେଇ ଯାଇଥିଲେ। ଗୌରୀ ଟଙ୍କା ଉଠାଇବାକୁ ଗଲା ପରେ ଖାତାରେ ଟଙ୍କା ନଥିବା ଜାଣିବା ପରେ ପଚାରିବାରୁ ସେ ନେଇ ଯାଇଥିବା କହିବା ସହ ମୁଁ ପୈଠ କରିଦେବି ବୋଲି କହି ଆଉ ଦେଇ ନ ଥିଲେ। ସେହିପରି କନକ ଜେନା ଜଣେ ଶାରୀରିକ ଅସମର୍ଥ, ଯାହାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଉଠାଇ ନେଇଛନ୍ତି। ସୁବାସୀନି ସାହୁଙ୍କର ୧୫ ହଜାର, ନିରଞ୍ଜନ ଜେନାଙ୍କ ୪୦ ହଜାର, ମାନସ ରଞ୍ଜନ ପାଢ଼ୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ୪୦ ହଜାର, ରମାକାନ୍ତ ବେହେରାଙ୍କର ୨୦ ହଜାର ଟଙ୍କା ଉଠାଇ ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏହିଭଳି ୩୦ ଲକ୍ଷ ଟଙ୍କା ପାଖାପାଖି ଠକି ଥିବା ଅଭିଯୋଗ କରିଛନ୍ତି। ଗୋବିନ୍ଦପୁର ଗ୍ରାମର ସତ୍ୟବ୍ରତ ନାଥ ଦୀର୍ଘବର୍ଷ ହେଲା ଧୁଷୁରୀ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଏଠାରେ ସିଏସପି ଶାଖା କରିଥିଲେ। ୫ ରୁ ୬ ବର୍ଷ ହେବ ଗ୍ରାହକମାନେ ଏହି ସିଏସପିରେ ଖାତା ଖୋଲି ଟଙ୍କା ଦେଣ ନେଣ କରୁଥିଲେ। ଏହାରି ଭିତରେ ଚଞ୍ଚକତା କରି ସତ୍ୟବ୍ରତ ଗ୍ରାହକଙ୍କ ଟଙ୍କା ଉଠାଇ ନିଅନ୍ତି। ଏଭଳି ୫୦ ରୁ ୬୦ ଗ୍ରାହକ ଠକାମିର ସ୍ୱୀକାର ହୋଇଛନ୍ତି। ଘଟଣା ଜଣାପଡିବା ପରେ ପ୍ରାୟ ୮ ମାସ ହେଲା ସିଏସପିର ମାଲିକ ଫେରାର ହୋଇଛନ୍ତି। ଏନେଇ ଗୌରୀ ମହାପାତ୍ର, ଝରଣା ଦାସ, ସୁବାସିନି ସାହୁ, ମନୋରଞ୍ଜନ ପାଢ଼ୀ, ସୁକାନ୍ତି ବେହେରା, ସୁଦାମ ଜେନା, ସଂଯୁକ୍ତା ନାଥ, କାଞ୍ଚନ ନାୟକ, ଅନିତା ରାଉତ ପ୍ରମୁଖ ଧାମନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମିଳିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏବେ ସ୍ୱାମୀ ସ୍ତ୍ରୀ ଫେରାର ଥିବା ବେଳେ ଗ୍ରାହକମାନେ ଉକ୍ତ ଶାଖାକୁ ଚାବି ପକାଇ ଦେଇଛନ୍ତି।

## ମା' ଡୋକରି ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଡୋକରୀ ବୁଢ଼ି ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଦାନ ବାକ୍ସରୁ ଟଙ୍କା ଚୋରି ହେବା ଘଟଣା ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଦେଇଛି। ଦାନ ବାକ୍ସ ଭଙ୍ଗା ଯାଇ ଲୋକେ ଦାନ କରିଥିବା ଏକ ବର୍ଷର ଦାନ ଟଙ୍କା ନେଇଯାଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଜୟପାଟଣା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶାରଦୀୟ ଦୁର୍ଗାପୂଜା ଅବସରରେ ତାଳଗୁଡ଼ ମା' ଡୋକାରୀ ବୁଡିଙ୍କ ପୀଠରେ ପ୍ରବଳ ଭକ୍ତ, ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବାବେଳେ ଦାନ ବାକ୍ସରୁ ଟଙ୍କା ଚୋରିହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁରନ୍ତ ଚୋରକୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି।

## ମରଣଯନ୍ତା ପାଲଟିଛି ମେର୍ମେଦା ପୋଲ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ଅନ୍ତର୍ଗତ ପଡୁଆ-ମଙ୍ଗଳପୁର ମଝିରେ ଥିବା ମେର୍ମେଦା ନାଳ ପୋଲ ଲଗାଣ ବର୍ଷାରେ ଧୋଇଯିବା କାରଣରୁ ଲୋକଙ୍କ ଯିବା ଆସିବା ପାଇଁ ମରଣଯନ୍ତାରେ ପରିଣତ ହୋଇଛି। ଚମ୍ପୁଆ ବ୍ଲକ୍‌ର ଜାଲି, ଭୂଇଁପୁର ଓ ପଡୁଆ ତିନି ପଞ୍ଚାୟତର ଲୋକେ ପ୍ରତିଦିନ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏହି ଗୋଟିଏ ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରାୟ ଦୀର୍ଘ ତିରିଶି ବର୍ଷ ପୂର୍ବେ ନିର୍ମିତ ଏହି ମେର୍ମେଦା ନାଳ ପୋଲ ରାସ୍ତା ମରାମତି ଅଭାବରୁ ଦୁର୍ବଳ ଅବସ୍ଥାରେ ରହିଥିଲେ ମଧ ସ୍ଥାନୀୟ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରତି ବର୍ଷ କିଛି ସ୍ଥାନୀୟ ଯୁବକ ମାଟି ପକାଇ ରାସ୍ତାକୁ ସମତୁଳ କରିଥାନ୍ତି। ଏବେ ପୋଲର ଦୁଇ କଡ଼ ରାସ୍ତା ଲଗାଣ ବର୍ଷାରେ ଧୋଇ ଖାଲ ହୋଇଯାଇଛି। କେବଳ ଦୁଇ ଚକିଆ ସାଇକେଲ, ମୋଟରସାଇକେଲକୁ ଛାଡ଼ି ଦେଲେ ଚାରିଚକିଆ ଛୋଟ ଯାନ ମଧ ଏହି ପୋଲ ଉପରେ ଯିବା କଷ୍ଟ ସାଧ ହୋଇପଡିଛି। ଫଳରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀମାନଙ୍କୁ ନେଇଯିବା ପାଇଁ ସିଲିପୁଞ୍ଜି ପଟୁ ଦୀର୍ଘ ଲମ୍ବା ରାସ୍ତା ବୁଲି ଯିବାକୁ ପଡୁଛି। ଯାହା ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କ ପାଇଁ ଜୀବନ ମରଣ ବିପଦ ସୃଷ୍ଟି କରୁଛି। ବର୍ତ୍ତମାନ ସାରା ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଡବଲ ବିକାଶ ନେଇ ହଇଚଇ ସୃଷ୍ଟି କରୁଥିବା ବେଳେ ତୃଣମୂଳ ସ୍ତରରେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ଏପରି ସମସ୍ୟାଗୁଡ଼ିକରେ ସୁଧାର ଆସୁନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଆସିପାରୁନି ଆମ୍ବୁଲାନ୍ସ : କାନ୍ଧ ଖଟିଆରେ ବୁହା ହେଉଛନ୍ତି ରୋଗୀ



**କୋଇଡ଼ା, ନ୍ୟୁଜ୍ ବ୍ୟୁରୋ**

ବର୍ଷକୁ କେବଳ ଖଣି ମାଧ୍ୟମରେ ୧୫ ହଜାର କୋଟି ରାଜସ୍ୱ ସହିତ ୧ ହଜାର କୋଟି ଜିଲ୍ଲା ଖଣିଜ ପ୍ରତିଷ୍ଠାନକୁ ଅର୍ଥ ପ୍ରଦାନ କରୁଥିବା ଖଣି ରାଜଧାନୀ କୋଇଡ଼ା ବ୍ଲକ୍‌ରେ ପକ୍କା ରାସ୍ତା ଅଭାବରୁ ଖଣି ପ୍ରଭାବିତ ଅଞ୍ଚଳମାନଙ୍କରେ ବର୍ଷା ଦିନେ ଯଦି ଦୁଇ ପଞ୍ଚାୟତ ବିଚ୍ଛିନ୍ନ ହୁଏ ତାହା ହେଲେ ନିଶ୍ଚିତ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ଯେ ଜିଲ୍ଲା ଖଣିଜ ପାଣ୍ଠି ଜରିଆରେ ବିକାଶ ହେଉଛି କାହାର ? ଜିଲ୍ଲା ଖଣିଜ ପାଣ୍ଠି ବ୍ୟୟ ଅଟକଳରେ ହଜାର ହଜାର କୋଟିର ପ୍ରକଳ୍ପ ଡିଜିଟାଲ୍ ମାଧ୍ୟମରେ ଚିତ୍ର ଦେଖାଉଛନ୍ତି ଜିଲ୍ଲା ପ୍ରସାଶନ। ସିଧାସଳକ ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗ କରି ମୁଖ୍ୟତଃ ଖଣି ପ୍ରଭାବିତ ଅଞ୍ଚଳରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ଖର୍ଚ୍ଚ କରିବାର ନିୟମ ରହିଛି। ୨୦୧୫ ମସିହାରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କାର୍ଯ୍ୟରତ ହେଲାଣି ହେଲେ ନା ଶିକ୍ଷାର ବିକାଶ ହେଲା ନା ଘରେ ଘରେ ପାନୀୟଜଳ ପହଞ୍ଚିଲା ନା ଗମନାଗମନର ସୁବିଧା। ଏମିତିକି ସାମାନ୍ୟ ଗର୍ଭବତୀଙ୍କୁ ମାତୃଜ୍ୟୋତି ଯୋଜନାରେ ଅଲଟ୍ରାସାଉଣ୍ଡ କରିବା ପାଇଁ ଅନ୍ୟ ଜିଲ୍ଲାକୁ ନିର୍ଭରଶୀଳ ହେବାକୁ ପଡୁଛି। ଏମିତିକି ପକ୍କା ରାସ୍ତା ଅଭାବରୁ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ପାଇଁ ବି ଖଟିଆ ହିଁ ଏକମାତ୍ର ଭରସା ସାଜିଛି କୋଇଡା ବ୍ଲକ୍ ଜାମୁଡିହି ପଞ୍ଚାୟତ ମଞ୍ଜାବେଡା ଗିର୍ଜାଟୋଲାରୁ ଚୋରଧରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ୭ କିଲୋମିଟର ରାସ୍ତା। ଯୁଗେ ଯୁଗେ ବର୍ଷା ଦିନରେ ବିଚ୍ଛିନ୍ନ ଅବସ୍ଥାରେ ରହୁଛନ୍ତି ଏଠାକାର ଅଧିବାସୀ। କାଦୁଅ ସରସର ହୋଇ ବିଦ୍ୟାଳୟ ପହଞ୍ଚନ୍ତି ଏଠାକାର ଛାତ୍ର ଛାତ୍ରୀ। ଏ ନେଇ ଗ୍ରାମବାସୀମାନେ ବହୁବାର ସରପଞ୍ଚ ଓ ବିଡିଓଙ୍କୁ ଅଭିଯୋଗ କରି ଆସୁଛନ୍ତି, ସରପଞ୍ଚ ମଧ ୫ ବର୍ଷ ହେଲା ବିଡିଓଙ୍କୁ ଗ୍ରାମସଭାରେ ଲେଖିକି ଦେଇଛନ୍ତି ହେଲେ ରାସ୍ତା ଆଜିଯାଏଁ ହୋଇ ପାରୁନି। ଯାହା ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଠାକାର ଅଧିବାସୀମାନେ। ଏ ନେଇ ଗଣମାଧ୍ୟମକୁ ରାସ୍ତା ବୁଲାଇ ଦେଖାଇଥିଲେ ଗ୍ରାମର ଆଶା ଦିଦି, ମହିଳା ଓ ଖୋଦ୍ ସରପଞ୍ଚ ଏବଂ ପ୍ରକାଶ କରିଛନ୍ତି।

## ୩ଟି ହାତୀଦାନ୍ତ ଜବତ ସହ ୪ଜଣଙ୍କୁ ଗିରଫ କଲା କେନ୍ଦୁଝର ବନ ବିଭାଗ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

୩ଟି ହାତୀଦାନ୍ତ ଜବତ ସହ ୪ଜଣଙ୍କୁ ଗିରଫ କଲା କେନ୍ଦୁଝର ବନ ବିଭାଗ। ସେମାନଙ୍କଠାରୁ ୩ଟି ମୋବାଇଲ୍ ଫୋନ୍ ଜବତ କରିଛି। ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ବାଂଶପାଳ ବ୍ଲକ ତଲକାଇପୁର ଅଞ୍ଚଳରୁ ପୋଲିସ ସହାୟତାରେ ଧରିଲା ବନ ବିଭାଗ। ଗତ ୨୬ ତାରିଖ ରାତି ୯ଟା ବେଳେ, ତଲକାଇପୁର କ୍ରସର୍ ନିକଟରେ ମିଳିତ ଚଢ଼ାଉ କରି ଘଟଣାସ୍ଥଳରୁ ୩ଟି ହାତୀଦାନ୍ତ ଜବତ କରିବା ସହ, କଟକ ଅଲିଶା ବଜାରର ବୀରକିଶୋର ବେହେରା ଓ ଅନୁଗୁଳ ର ଅରୁଣ କୁମାର ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲାରେ ସଂପୃକ୍ତ ଅନୁଗୁଳ ଜିଲ୍ଲା ଭଗାମୁଣ୍ଡାର ପ୍ରଦୀପ କୁମାର ସାହୁ ଓ ପ୍ରତାପ ବେହେରାଙ୍କୁ ଗିରଫ କରାଯାଇଛି। ଜବତ ୩ଟି ହାତୀଦାନ୍ତ ମଧ୍ୟରୁ ପ୍ରଥମଟି ୨.୦୨୬ କିଲୋଗ୍ରାମ୍, ୨ୟ ଟି ୬ଶହ ଗ୍ରାମ୍ ଓ ୩ୟ ଟି ୩୮୭ ଗ୍ରାମ ଓଜନର ଥିବା ସୂଚନା ଦେଇଛି ବନ ବିଭାଗ। ପ୍ରଥମରୁ ଏମାନଙ୍କ ନିକଟରେ ୪ଟି ହାତୀଦାନ୍ତ ଥିବା ବେଳେ, ଅନ୍ୟ ଗୋଟିଏ ହାତୀଦାନ୍ତର ପତା ମିଳି ନଥିବା ସୂଚନା ଦେଇଛନ୍ତି ଜିଲ୍ଲା ବନ ଖଣ୍ଡ ଅଧିକାରୀ ଏଚ ଡି ଧନରାଜ।

## ବ୍ୟାସନଗର ସହରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ବ୍ୟାସନଗର କର୍ମ ବୈଦିଷ୍ଣୁ ବ୍ୟାସନଗର ସହରର ଅଭିବୃତି ଦିନକୁ ଦିନ ବୃଦ୍ଧି ପାଉଛି। ଏହି ତୁଳନାରେ ଯାନ ବାହନ ସଂଖ୍ୟା ବୃଦ୍ଧି ପାଉଛି। ଯାହା ଫଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ୨୦୦୪ ମସିହା ଠାରୁ ଏହି ସହରର ଟ୍ରାଫିକ ସମସ୍ୟା ସୁଦାର ଆଣିବା ପାଇଁ ବୈଠକ ପରେ ବୈଠକ ବସୁଛି। କିନ୍ତୁ ଟ୍ରାଫିକ ସମସ୍ୟାର ସୁଧାର ଆସୁନାହିଁ। ଏହି ସହର କଳିଙ୍ଗନଗର ଶିଳ୍ପାଞ୍ଚଳ, ଖଣି ସୁକିନ୍ଦା ଅଞ୍ଚଳ, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାକୁ ସଂଯୋଗ କରୁଛି। ଛୋଟ ବଡ଼ ଗାଡ଼ି ଏହି ସହରରେ ୫୦୦୦ରୁ ଉର୍ଦ୍ଧ୍ୱ ଯାତାୟତ କରୁଛି। ଟ୍ରାଫିକ୍ ପୋଲିସ ନ ଥିବାରୁ ବିଭିନ୍ନ ଛକମାନଙ୍କରେ ଟ୍ରାଫିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। କଲେଜ, ଚୋରଦ ଛକ, ଚୋରଦ କେଟିଲ ଛକ, ଗୋପବନ୍ଧୁ ଛକ, ଡାକ ବଙ୍ଗଳା ଛକ, ନହକା ଛକ, ଦଳାଛକ, ଗାୟତ୍ରି ଛକ, ଷ୍ଟେସନ ବଜାର ପ୍ରଭୃତି ଛକ ମାନଙ୍କରେ ଟ୍ରାଫିକ ଜାମ୍ ହେବା ଫଳରେ ଘଣ୍ଟା ଘଣ୍ଟା ଧରି ଜାନବାହାନ ଅଟକି ରହୁଛି ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବିଫଳ ହେଉଛି। ଏହି ସହରର ଟ୍ରାଫିକ ସୁଧାର ଆଣିବା ପାଇଁ ଗୋପବନ୍ଧୁ ଛକ, ଦଳା ବାଇପାସ, ନହକା ବାଇପାସ, ଚୋରଦ ବାଇପାସ, ପ୍ରଭୃତି ସ୍ଥାନରେ ଟ୍ରାଫିକ୍ ସିଗ୍‌ନାଲ ସଂଯୋଗ କରିବା ପାଇଁ ପୋଲିସ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ରାଜ୍ୟ ସରକାରଙ୍କ ଘରୋଇ ବିଭାଗକୁ ଚାରି ବର୍ଷ ତଳୁ ପଠାଯାଇଛି, ତାହା ଫାଇଲ ତଳେ ଚାପି ହୋଇ ପଡ଼ିରହିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସହରବାସୀ ଅତିଷ୍ଠ ହୋଇ ପଡ଼ିରହିଛନ୍ତି। ସହରର ଟ୍ରାଫିକ ସମସ୍ୟା କେବେ ଦୂର ହେବ ତାହା ସମୟ କହିବ।

# ପଞ୍ଚାୟତ ମୁଖ୍ୟାଳୟକୁ ଯିବାପାଇଁ ରାସ୍ତାଟିଏ ନାହିଁ : ଚିନ୍ତାରେ ଅଞ୍ଚଳବାସୀ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**



ଦିନେ କି ଦୁଇ ଦିନ ନୁହଁ, ବର୍ଷ ବର୍ଷ ଧରି ପଞ୍ଚାୟତ ମୁଖ୍ୟାଳୟକୁ ଯିବାପାଇଁ ରାସ୍ତାଟିଏ ନାହିଁ। ଏନେଇ ଅଞ୍ଚଳବାସୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘ ଦିନ ହେଲା ଦାବି କରିଆସୁଛନ୍ତି। ହେଲେ ଦାବି ପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଏକ ବଡ଼ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି। ଗାଁରେ ଘନ ଘନ ବୈଠକ କରାଯାଇ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଅଞ୍ଚଳବାସୀ ଅଣ୍ଟା ଭିଡ଼ି ଲେଣି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ପଞ୍ଚାୟତ କୁମ୍ଭାରୀଗାଁ କ୍ଷେତ୍ରରେ।

ଅନ୍ୟପକ୍ଷେ ରାସ୍ତା ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଅହେତୁକ ଅବହେଳା କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବିଶେଷ କରି ବର୍ଷା ୪ ମାସ ରାସ୍ତା କାଦୁଅରେ ଭରି ରହୁଥିବା ବେଳେ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭୋଟ ବେଳେ ନେତାମାନେ ପୁଳାପୁଳା ପ୍ରତିଶ୍ରୁତି ଦେଉଥିବା ବେଳେ ଭୋଟ ପରେ କାହାର ଦେଖା ମିଳୁ ନ ଥିବା ଅଭିଯୋଗ ହୋଇଛି। ରାସ୍ତା ଯୋଗୁ ଲୋକଙ୍କୁ ସାଧାରଣ ବଣ୍ଟନ ଚାଉଳ ସାଙ୍ଗକୁ ଅନ୍ୟ ସାମଗ୍ରୀ ଆଣିବାକୁ ସମସ୍ୟା ହେଉଛି। ସେହିପରି ପଞ୍ଚାୟତ କାର୍ଯ୍ୟାଳୟରୁ ସାଧାରଣ ବଣ୍ଟନ ସାମଗ୍ରୀ ନେଇ ଆସୁଥିବା ଭାଟିଯାନ କାଦୁଅରେ ଫସି ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ତୁରନ୍ତ ରାସ୍ତାର ମରାମତି ସାଙ୍ଗକୁ ପକ୍କା ରାସ୍ତା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦେଶୀ ମଦ ଜବତ ବେପାରୀ ଗିରଫ

**କୋରୋଇ, ନ୍ୟୁଜ୍ ବ୍ୟୁରୋ**

ପାଣିକୋଇଲି ପୁଲିସ ଦେଶୀ ମଦ ଜବତ କରିବା ସହ ବେପାରୀକୁ ଗିରଫ କରିବାରେ ସକ୍ଷମ ହୋଇଛି। ସନ୍ଧ୍ୟା ପାଟ୍ରୋଲିଂ ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ନୂଆପଦା ଛକ ତଥା ୨୦ ନମ୍ବର ଜାତୀୟ ରାଜପଥ ପର୍ଶ୍ୱରେ ଦେଶୀ ମଦର ଚୋରା କାରବାର ଖବର ପାଇ ପୁଲିସ ସଦଳବଳେ ଚଢ଼ଉ କରିଥିଲା। ସେଠାରେ ସନ୍ଦେହଜନକ ଭାବେ ଜଣଙ୍କୁ ଧରିବା ପରେ ତା' ନିକଟରୁ ୧୦.୬୨୦ ଲିଟର ମଦ ଜବତ କରି ତାକୁ ଥାନାକୁ ଆଣିଥିଲେ। ଏନେଇ ଓଡ଼ିଶା ଅବକାରୀ ନିୟମ ୫୨(୨) ରେ ଏକ ମାମଲା ୩୧୩/୨୫ ରୁଜୁ କରାଯାଇ ମଦ ବେପାରୀକୁ ଗିରଫ କରାଯାଇଥିଲା। ଉତ୍ତର ପ୍ରଦେଶ ରାଜ୍ୟ ଚାନ୍ଦୁଆଳି ଜିଲ୍ଲା ସାହେବଗଞ୍ଜ ଥାନା କିରାଇଗାଁର ଛବିନାଥ ଯାଦବଙ୍କ ପୁଅ ରାମ ନିବାସ ଯାଦବ (୪୦)କୁ ଗିରଫ କରାଯାଇଥିଲା। ରାମ ନିବାସ ଦୀର୍ଘ ବର୍ଷ ହେବ ପାଣିକୋଇଲି ଅଞ୍ଚଳରେ ରହି ଦେଶୀ ମଦର ଚୋରା କାରାବାର ଚଳାଇ ଆସିଛି। ଏବେ ତା'ର ନୂଆ ଠିକାଣା ନୂଆପଦା ଛକ ପାଲଟିଛି।

## ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମରେ ଯୋଗଦେଲେ ଗ୍ରାମବାସୀ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ନେଇ 'ମନ କି ବାତ' କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଟେଲିଭିଜନ ପରଦାରେ ଦେଖିବା ଲାଗି କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତର ସୋଡି ଗ୍ରାମର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖା ଦେଇଥିଲା। ପଞ୍ଚାୟତର ଯୁବ ବିଜେପି ନେତା ହରେକୃଷ୍ଣ ସାହୁଙ୍କ ସମେତ ଅନାମ ଚରଣ ମହାପାତ୍ର, ସ୍ଥାନୀୟ ସରପଞ୍ଚ ସସ୍ମିତା ମାଝୀ, ଲକ୍ଷ୍ମୀଧର କରଣ, ପ୍ରଫୁଲ୍ଲ ମାଝୀ, ଭାନୁପ୍ରଭା କରଣ, ଶୁଭସ୍ମିତା ସାହୁଙ୍କ ସମେତ ବହୁ ବିଜେପି କର୍ମୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଟିଭି ପରଦାରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଦେଖିଥିଲେ।

# ସାହିତ୍ୟର ବିକାଶ ଲାଗି ସାମୁହିକ ଉଦ୍ୟମ ଲୋଡ଼ା

**ଭଞ୍ଜନଗର, ନ୍ୟୁଜ୍ ବ୍ୟୁରୋ**




ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ରବିବାର କବି ସମ୍ରାଟ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ଓ ସମାଜ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜୟନ୍ତି ଏବଂ ସାବିତ୍ରୀ ଦୁଇଟି ପତ୍ରିକା ଉନ୍ମୋଚିତ କରିବା ସହ ଲେଖକ, କବିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ କହିଥିଲେ, ସାହିତ୍ୟର ବିକାଶ ପାଇଁ ସାମୁହିକ ଉଦ୍ୟମ ଲୋଡ଼ା। ଘୁମୁସର ଇତିହାସ, କଳା, ସାହିତ୍ୟ ସମଗ୍ର ବିଶ୍ୱରେ ପରିଚିତ। ବର୍ତ୍ତମାନ ଆହୁରି ପ୍ରଚାର ପ୍ରସାର ଆବଶ୍ୟକତା ରହିଛି। ଏଥିପାଇଁ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି ବୋଲି ବିଧାୟକ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ।

ଅନୁଷ୍ଠାନର ସଭାପତି ଡ. ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କବି ଡ. ନାରାୟଣ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ କଲେଜ ଅଧକ୍ଷ ତଥା ଭଞ୍ଜ ଗବେଷକ ଡ. କମ୍ବୁପାଣି ସାମନ୍ତ ଅତିଥି, ଲେଖକ ସୋମନାଥ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

ସମ୍ପାଦକ ରବିନ୍ଦ୍ର ନାଥ ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ଅଧାପକ ଅଶୋକ ସ୍ୱାଇଁ, ଦୁର୍ଗା ମାଧବ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୌରଭର ସମ୍ପାଦକ ସୁଶାନ୍ତ ଦାସ, ପଞ୍ଚବଟୀର ସମ୍ପାଦକ ସୁଶାନ୍ତ କୁମାର ନାୟକ, ଲେଖକ ଡ.ନାରାୟଣ ପଣ୍ଡାଙ୍କୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସମ୍ବର୍ଦ୍ଧିତ କରାଯାଇଥିଲା।

କବୟିତ୍ରୀ ଡ. ନଳିନୀ ପ୍ରଭା ଦାସ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କବୟିତ୍ରୀ ସୁଜାତା ଷଡ଼ଙ୍ଗୀ, ଅଧାପିକା ସୁଜାତା ସିଂ, ଲେଖକ ନେତାଜୀ ବିଷୋୟୀ, ଦାମୋଦର ଷଡ଼ଙ୍ଗୀ, ଡ. ସନ୍ତୋଷ କୁମାର ଆପଟ, ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ବିମ୍ବାଧର ଷଡ଼ଙ୍ଗୀ, ପ୍ରଭାତ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ବିନିକାରେ ରକ୍ତଦାନ ଶିବିର : ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସେବା ପକ୍ଷ ପାଳନ ଅବସରରେ ଭାରତୀୟ ଜନତା ପାର୍ଟି ବିନିକା ଶାଖା ତରଫରୁ ସ୍ଥାନୀୟ ସ୍ପୋର୍ଟସ କ୍ଲବ ଠାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଥିଲା। ଏଥିରେ ମହିଳାଙ୍କ ସମେତ ମୋଟ ୩୫ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଶିବିରକୁ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଳା ଫିତା କାଟି ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ବିଜୟ ମହାକୁରଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା, ସଚେତନ ନାଗରିକ ଯୋଗଦେଇ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଶିବିର ପରିଚାଳନାରେ ବିଜେପି ନଗର ସମ୍ପାଦକ ଭୁବନେଶ୍ୱର ପାତ୍ର, ଯୁବ ସଂଗଠକ ଜନାର୍ଦ୍ଦନ ଖମାରୀ, କାଉନସିଲର ଗୋପାଳ କୃଷ୍ଣ ମହାଲିଙ୍ଗ, ଭୀମଭୋଇ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ରାମ ଗୋପାଳ ବାଘ ପ୍ରମୁଖଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଆରମ୍ଭ ହେବ ରାଜପଥରୁ ଗୋରୁ ଉଚ୍ଛେଦ ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଜାତୀୟ ରାଜପଥରେ ଗୋରୁଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ଆରମ୍ଭ ହେବ ଅଭିଯାନ। ଏହା ପୂର୍ବରୁ ଭାରତୀୟ ରାଜମାର୍ଗ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଗାଇଗୋରୁଙ୍କ ପାଇଁ ସର୍ବାଧିକ ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ କରାଯିବ। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ବିସ୍ତୃତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ଅଗ୍ରାଧିକାର ଭିତ୍ତିରେ ୩୧୬ ନଂ ଜାତୀୟ ରାଜପଥକୁ ଗାଇଗୋରୁ ମୁକ୍ତ କରାଯିବ। ସୂଚନା ଅନୁସାରେ ଏନ୍‌ଏଚ୍‌ଏଆଇ ପଶୁଙ୍କ ପାଇଁ ଘଟୁଥିବା ଦୁର୍ଘଟଣା ଅଞ୍ଚଳ ଚିହ୍ନଟ କରି ପରିବହନ ବିଭାଗକୁ ତଥ୍ୟ ପ୍ରଦାନ କରିବ। ଏହାପରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ସ୍ଥାନୀୟ ପୌରସଂସ୍ଥା ପକ୍ଷରୁ ସେହି ଅଞ୍ଚଳରୁ ବୁଲା ଗାଇଗୋରୁଙ୍କୁ ନିକଟସ୍ଥ ଗୋଶାଳାକୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ୯୫ଟି ପଞ୍ଜିକୃତ ଗୋଶାଳାକୁ ଚିହ୍ନଟ କରାଯାଇ ଥିବାବେଳେ ବିଭାଗ ଅଧୀନରେ ଆଉ ୩୭ଟି ନିର୍ମାଣ କରାଯାଉଛି। ଯେଉଁ ସ୍ଥାନରେ ଗୋଶାଳା ନଥିବ ସେଠାରେ ପୌରସଂସ୍ଥା ପକ୍ଷରୁ ଅସ୍ଥାୟୀ ଗୋଶାଳା ନିର୍ମାଣ କରାଯିବ। ଗାଇ ଗୋରୁଙ୍କୁ ସ୍ଥାନାନ୍ତର ପାଇଁ ପୌରସଂସ୍ଥାଙ୍କୁ ଅନ୍ୟୂନ ୫ଟି ଗାଡ଼ିର ଖର୍ଚ୍ଚ ଏନ୍‌ଏଚ୍‌ଏଆଇ ପ୍ରଦାନ କରିବ। ଗୋଶାଳା ପରିଚାଳନା ପାଇଁ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯିବ। ଯେଉଁ ଗାଇଗୋରୁଙ୍କ କେହି ଦାବିଦାର ନଥିଲେ ସେମାନଙ୍କୁ ସବୁଦିନ ପାଇଁ ଗୋଶାଳାରେ ରଖାଯିବ। ରାସ୍ତାରେ ଗାଇଗୋରୁଙ୍କୁ ଛାଡ଼ିବା ପାଇଁ ଧାର୍ଯ୍ୟ ଜରିମାନା ପରିମାଣ ବୃଦ୍ଧି କରାଯିବ। ଏନ୍‌ଏଚ୍‌ରେ ପୁଲିସ ପାଟ୍ରୋଲିଂ ସମୟରେ ଗାଇଗୋରୁଙ୍କ ଉପସ୍ଥିତି ସମ୍ପର୍କରେ ସ୍ଥାନୀୟ ପୌରସଂସ୍ଥାର ଅଧିକାରୀଙ୍କୁ ସୂଚନା ପ୍ରଦାନ କରିବେ। ରାସ୍ତାରେ ଗାଇଗୋରୁଙ୍କ ଉପସ୍ଥିତି ସମ୍ପର୍କରେ ଗାଡ଼ି ଚାଳକଙ୍କୁ ସତର୍କ କରିବା ପାଇଁ ନୂଆ ଜ୍ଞାନକୌଶଳ ବିକାଶ କରାଯିବ। ସେହିପରି ଦୁର୍ଘଟଣାରେ ଆହତ ଗାଇଙ୍କ ପରିବହନ ପାଇଁ ଅଧିକ ଆମ୍ବୁଲାନ୍ସ ନିୟୋଜନ ଲାଗି ନିଷ୍ପତ୍ତି ହୋଇଛି। ପ୍ରକାଶଯୋଗ୍ୟ ଯେ ଗତ ୩ ବର୍ଷରେ ରାସ୍ତାରେ ଗାଇଗୋରୁଙ୍କ ବିଚରଣ ଯୋଗୁଁ ୩,୦୨୩ଟି ଦୁର୍ଘଟଣା ଘଟିଥିବାବେଳେ ୧,୬୦୧ ଜଣ ଏଥିରେ ପ୍ରାଣ ହରାଇଛନ୍ତି। ୨୦୨୨ରେ ୯୫୨ ଦୁର୍ଘଟଣାରେ ୫୨୧ ଜଣଙ୍କ ମୃତ୍ୟୁ, ୨୦୨୩ରେ ୧,୧୬୮ ଦୁର୍ଘଟଣାରେ ୬୪୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୪ରେ ୯୦୩ଟି ଦୁର୍ଘଟଣାରେ ୪୩୭ ଜଣ ପ୍ରାଣ ହରାଇଥିଲେ। ସେହିପରି ୨୦୨୨ରୁ ୨୦୨୫ (ଅଗଷ୍ଟ) ମଧ୍ୟରେ ଯାନବାହନ ଧକ୍କା ଯୋଗୁଁ ୩୩୧ ପଶୁଙ୍କ ମୃତ୍ୟୁ ହୋଇଛି।

# ନଦୀମାତାଙ୍କ ମାନ ରକ୍ଷା ପାଇଁ ସଂକଳ୍ପ ନେଲେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଯୁଗ ଯୁଗ ଧରି ନଦୀକୁ ମା ' ରୂପରେ ପୂଜା କରାଯାଇଥାଏ। ପ୍ରତ୍ୟେକ ଦେବଦେବୀଙ୍କର ଆରାଧନା ପାଇଁ ନଦୀ ତୁଠରୁ ଜଳ ଆଣିବା ସହ ମୁନିଋଷିମାନଙ୍କର ତର୍ପଣ ନଦୀ ଜଳରେ କରାଯିବାର ପରମ୍ପରା କେଉଁ ଅନାଦି କାଳରୁ ରହି ଆସିଅଛି। ମାନବ ସଭ୍ୟତା ନଦୀକୁ ଭରସା କରି ଗଢି ଉଠିଥିଲା ବୋଲି ଶାସ୍ତ୍ରରେ ବର୍ଣ୍ଣନ ଅଛି। ବିଜ୍ଞାନ ଯୁଗରେ ଏହାକୁ ଅଣଦେଖା କରାଯାଇ ନଦୀର ରୂପକୁ ବିଭିନ୍ନ ଆବର୍ଜନା ପକାଇ କଳକାରଖାନାର ଦୂଷିତ ଜଳ କ୍ଷେପଣ କରି ବିକୃତ କରିବାରେ ଲାଗିଛନ୍ତି ମାନବ ସମାଜ। ଯାହାକୁ ଦିନେ ଦେବତା ରୂପରେ ପୂଜା କରାଯାଉଥିଲା ଆଜି ତା' ପ୍ରତି ଅତ୍ୟାଚାରର ସୀମା ଟପିଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବାହିତ ଗୋବରୀ ନଦୀ ଜିଲ୍ଲାବାସୀଙ୍କ ପାଇଁ କୃଷି କାର୍ଯ୍ୟ ଠାରୁ ଆରମ୍ଭ କରି ସ୍ନାନ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ସାହା ହୋଇଥିଲା। ମାତ୍ର ଆଜି ତାହା ସହରର ଆବର୍ଜନାକୁ କୋଳରେ ଧରି ଏପରି ପ୍ରଦୂଷିତ ହୋଇଯାଇଛି ଯେ, ତାହା ଆଶାର ବାହାରେ। ଏସବୁକୁ ଲକ୍ଷ୍ୟକରି ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ନଦୀର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି ପାଇଁ ନଦୀ ପୂଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ପ୍ରତ୍ୟକ୍ଷ ପ୍ରଚେଷ୍ଟାରେ ଶୁଭେଚ୍ଛୁମାନଙ୍କୁ ନେଇ ଆଳିଜଙ୍ଗା ଗ୍ରାମର ଗୋବରୀ ନଦୀ କୂଳରେ ଆଧ୍ୟାତ୍ମିକ ରୀତିରେ ଯାଜ୍ଞିକ ପଣ୍ଡିତଙ୍କ ଦ୍ୱାରା ହୋମ ଯଜ୍ଞ ଓ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବାସିନ୍ଦାଙ୍କ ସହ ଆଲୋଚନା କରି ଏହାକୁ ଆବର୍ଜନା ମୁକ୍ତ ରଖିବା ପାଇଁ ସଚେତନତା ସୃଷ୍ଟି କରାଯାଇଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଳ ସମ୍ପଦର ସୁରକ୍ଷା ସମସ୍ତଙ୍କର ଗୁରୁ ଦାୟିତ୍ୱ ହେବା ଉଚିତ୍ ବୋଲି ଟ୍ରଷ୍ଟର ସମ୍ପାଦକ ରାଜେଶ କୁମାର ବାରିକଙ୍କ ତରଫରୁ ଆହ୍ୱାନ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ, ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ନାୟକ, ଅରକ୍ଷିତ ସ୍ୱାଇଁ, ମଧୁସୂଦନ ରାଉତ, ପୂଜକ ପବିତ୍ର କୁମାର ଷଡ଼ଙ୍ଗୀ, ତପନ କୁମାର ନାଥ, ସଂଗ୍ରାମ କୁମାର ଦାସ, ସିନୁ କୁମାର ରାଓ, ଅମିୟ ସାହୁ, ମନୋଜ କୁମାର ରାଉତ, ବିଶ୍ୱଜିତ ସାହୁ, ପ୍ରମୋଦ କୁମାର ନାଥ, ବବୁଲ ମହାନ୍ତି ଓ ଗ୍ରାମର କୁନି ପିଲାମାନେ ପ୍ରମୁଖ ଯୋଗ ଦେଇ ନଦୀ ପୂଜନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

31 YEARS
ସମ୍ବାଦ କଳିକା

# ଗତ ୧୦ ବର୍ଷରେ ଧନୀଙ୍କ ସଂଖ୍ୟା ୧୨୦ ପ୍ରତିଶତ ବୃଦ୍ଧି

ଭାରତରେ କୋଟିପତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ମର୍ସିଡିଜ୍-ବେଞ୍ଜ୍ ହୁରୁନ୍ ଇଣ୍ଡିଆ ୱେଲ୍ଥ ରିପୋର୍ଟ ୨୦୨୫ ଅନୁଯାୟୀ ଦେଶରେ କୋଟିପତି ପରିବାର ସଂଖ୍ୟାରେ ପ୍ରାୟ ୨୦୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି । ଭାରତରେ ବର୍ତ୍ତମାନ ୮୭୧,୭୦୦ କୋଟିପତି ପରିବାର ଅଛନ୍ତି, ଯାହାଙ୍କ ମିଳିତ ସମ୍ପତ୍ତି ୮.୫ କୋଟିରୁ ଅଧିକ । ହେଲେ ୨୦୨୧ ମସିହାରେ ଏହି ସଂଖ୍ୟା ୪୫୮,୦୦୦ ଥିଲା । ମାତ୍ର ୪ ବର୍ଷରେ ଏଥିରେ ଦୁଇଗୁଣ ବୃଦ୍ଧି ପାଇଛି । ଦେଶର ବାକି ସମସ୍ତ ପରିବାରର ଏମାନଙ୍କର ଭାଗ ୦.୩୧ ପ୍ରତିଶତ । ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ୨୦୧୭ ରୁ ୨୦୨୫ ପର୍ଯ୍ୟନ୍ତ ମିଲିଅନ ଡଲାର ପରିବାର ସଂଖ୍ୟା ୪୫ ପ୍ରତିଶତ ବୃଦ୍ଧି ପାଇଛି । ତେବେ ଅଲ୍ଟ୍ରା ରିଚ୍ କ୍ୟାଟେଗୋରିରେ ମାତ୍ର କିଛି ଲୋକ ପହଞ୍ଚି ପାରିଛନ୍ତି । ଗତ ଚାରିରୁ ପାଞ୍ଚ ବର୍ଷ ମଧ୍ୟରେ ଭାରତରେ କୋଟିପତି ପରିବାର ସଂଖ୍ୟା ପ୍ରାୟ ୯୦ ପ୍ରତିଶତ ବୃଦ୍ଧି ପାଇଛି । ଯଦି ଏହି ଗତି ଜାରି ରହେ, ତେବେ ଭାରତରେ କୋଟିପତି ପରିବାର ସଂଖ୍ୟା ୨୦ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ ।

ମର୍ସିଡିଜ୍-ବେଞ୍ଜ୍ ହୁରୁନ୍ ଇଣ୍ଡିଆ ୱେଲ୍ଥ ରିପୋର୍ଟ ୨୦୨୫ ଅନୁଯାୟୀ, ମୁମ୍ବାଇ ଦେଶରେ ସବୁଠାରୁ ଅଧିକ ସଂଖ୍ୟକ କୋଟିପତି ବାସ କରନ୍ତି । ମହାରାଷ୍ଟ୍ରରେ ୧୭୮,୬୦୦ କୋଟିପତି ପରିବାର ଅଛନ୍ତି । ଯେଉଁଥିରେ ମୁମ୍ବାଇ ୧୪୨,୦୦୦ କୋଟପିତ ପରିବାର ସହିତ ତାଲିକାର ଆଗରେ ଅଛି । ୨୦୨୧ ମସିହାରୁ, ମହାରାଷ୍ଟ୍ରରେ କୋଟିପତି ପରିବାରରେ ୧୯୪ ପ୍ରତିଶତ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଏହାର ଜିଏସ୍‌ଡିପି ମଧ୍ୟ ୫୫ ପ୍ରତିଶତ ବୃଦ୍ଧି ପାଇ ୪୦.୫ ଲକ୍ଷ କୋଟିରେ ପହଞ୍ଚିଛି । ଦିଲ୍ଲୀ ଏବଂ ତାମିଲନାଡୁରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଜିଡିପି ଅଭିବୃଦ୍ଧି ହୋଇଛି । ମୁମ୍ବାଇ ପରେ, ଦିଲ୍ଲୀ ୬୮,୨୦୦ କୋଟିପତି ପରିବାର ସହିତ ଦ୍ୱିତୀୟ ସ୍ଥାନରେ ରହିଛି । ଏବଂ ବେଙ୍ଗାଲୁରୁ ୩୧,୬୦୦ କୋଟିପତି ପରିବାର ସହିତ ତୃତୀୟ ସ୍ଥାନରେ ଅଛି । ଦେଶର ଦଶଟି ପ୍ରମୁଖ ରାଜ୍ୟ ମୋଟ ଦେଶର ୭୯ ପ୍ରତିଶତ କୋଟିପତି ରହୁଛନ୍ତି । ଜୁନ୍ ମାସରେ ପ୍ରକାଶିତ ବିଶ୍ୱର ସବୁଠାରୁ ଧନୀ ସହର ୨୦୨୫ ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ କୋଟିପତିଙ୍କ ସଂଖ୍ୟାରେ ୧୨୦ ପ୍ରତିଶତ ବୃଦ୍ଧି ସହିତ ବେଙ୍ଗାଲୁରୁ ତୃତୀୟ ସ୍ଥାନରେ ରହିଛି । ଦିଲ୍ଲୀ ଏବଂ ମୁମ୍ବାଇରେ ମଧ୍ୟ ଯଥାକ୍ରମେ ୮୨ ପ୍ରତିଶତ ଏବଂ ୬୯ ପ୍ରତିଶତ ବୃଦ୍ଧି ଘଟିଛି ।

# ‘ଦେବୀ ଦୁର୍ଗାଙ୍କର ଦଶ ମହାବିଦ୍ୟା ଓ ଭୁଜ ବୈଶିଷ୍ଟ୍ୟ’



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬



ଦୁର୍ଗାଙ୍କର ବିଦ୍ୟାରୂପୀ ଦଶଶକ୍ତି ନିରୂପଣ କରାଯାଇଛି ଆଗମ ଶାସ୍ତ୍ରରେ । ସେହି ଦଶ ମହାବିଦ୍ୟା ହେଉଛନ୍ତି - କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା । ଏହାମଧ୍ୟରେ କାଳୀ, ତାରା, ଛିନ୍ନମସ୍ତା, ଧୂମାବତୀ ଉଗ୍ରା, ତଥା ବଗଳା, ଭୈରବୀ ସୌମ୍ୟୋଗ୍ର ମହାବିଦ୍ୟା ଏବଂ ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ମାତଙ୍ଗୀ ସୌମ୍ୟ ମହାବିଦ୍ୟା ରୂପେ ପରିଚିତା । ସୌମ୍ୟ ମହାବିଦ୍ୟାଙ୍କୁ ଶ୍ରୀସୁନ୍ଦରୀ କୁଳରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଉଗ୍ର, ସୌମ୍ୟୋଗ୍ର ମହବିଦ୍ୟାଙ୍କୁ କାଳୀ କୁଳରେ ଅନ୍ତର୍ଭୁକ୍ତ କରାହୋଇଛି । ଶ୍ରୀସୁନ୍ଦରୀ ଦେବୀମାନଙ୍କ ଆରାଧନା ଗୃହ ମଧ୍ୟରେ ହେଉଥିଲାବେଳେ କାଳୀକୁଳ ଦେବୀମାନଙ୍କ ଉପାସନା ଶ୍ମଶାନ, ବଣ, ନଦୀତଟ ଆଦି ନିର୍ଜନ ସ୍ଥାନରେ ହୋଇଥାଏ, ତଥା ସୌମ୍ୟୋଗ୍ର ବିଦ୍ୟା ଉଭୟ ସ୍ଥାନରେ ଉପାସିତା ହୁଅନ୍ତି । ମନ୍ଦିରମାଳିନୀ ଓଡ଼ିଶା ସାରା ବିଶ୍ୱରେ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରୁଥିବା ବେଳେ ମନ୍ଦିର ଗାତ୍ର ହେଉ ବା ମନ୍ଦିର ବକ୍ଷରେ ହେଉ ବିଭିନ୍ନ ଦେବଦେବୀ ବିଭିନ୍ନ ରୂପରେ ପୂଜା ପାଉଥିବା ଦେଖା ଯାଏ । ସେହିପରି ଦୁର୍ଗାଙ୍କୁ ଦଶଭୁଜା ବୋଲି କୁହାଯାଉଥିଲେ ମଧ୍ୟ ବହୁ ମନ୍ଦିରରେ ତାଙ୍କୁ ବିଭିନ୍ନ ରୂପରେ ଦେଖିବାକୁ ମିଳିଥାଏ । କେଉଁଠି ଦ୍ୱିଭୁଜା ଆକାରରେ ତ କେଉଁଠି ଚତୁର୍ଭୁଜା ରୂପରେ । କେଉଁଠି ଷଡଭୁଜା ତ କେଉଁଠି ଅଷ୍ଟଭୁଜା । ଏପରିକି ଅଷ୍ଟାଦଶ ଭୁଜା ସମ୍ପନ୍ନ ଦେବୀ ମଧ୍ୟ କେତେକ ସ୍ଥାନରେ ଦୃଶ୍ୟ ହୁଅନ୍ତି । ଦୁର୍ଗା ମୂର୍ତ୍ତିର ବିଭିନ୍ନ ରୂପ ସମ୍ପର୍କରେ ଆଲୋକପାତ କରିବା ପୂର୍ବରୁ ପ୍ରଥମେ ଏହା ଠାବ କରାହୁଏ ପ୍ରାଚୀନ ସିନ୍ଧୁ ସଭ୍ୟତାରେ ମାଟି ନିର୍ମିତ ମୂର୍ତ୍ତିରୁ । ଖ୍ରୀ.ପୂ. ଦ୍ୱିତୀୟ-ପ୍ରଥମ ଶତାବ୍ଦୀର ଯେଉଁ ମୂର୍ତ୍ତି ଆବିଷ୍କାର କରାଯାଇଛି ସେଥିରେ ଜଣେ ନାରୀ ଗୋଟିଏ ମହିଷକୁ ବଧ କରିବା ଦେଖାଯାଇଛି । ତେବେ ବର୍ତ୍ତମାନର କଳା କୌଶଳ ସମ୍ପନ୍ନ ଦୁର୍ଗା ମୂର୍ତ୍ତି ସାଧାରଣତଃ ଖ୍ରୀ.ଅ.୪ର୍ଥ- ୫ମ ଶତାବ୍ଦୀରୁ ହିଁ ଦେଖାଯାଏ ।

ପ୍ରଥମ ଜାଣିବା ମା ଦୁର୍ଗାଙ୍କର ଦ୍ୱିଭୁଜା ସମ୍ପର୍କରେ । ଓଡ଼ିଶାର ସର୍ବପ୍ରାଚୀନ ଦୁର୍ଗା ମୂର୍ତ୍ତି ହେଉଛନ୍ତି ଯାଜପୁରର ବିରଜା ମୂର୍ତ୍ତି । ସମୁଦ୍ରଗୁପ୍ତଙ୍କ ଦକ୍ଷିଣ ଭାରତ ବିଜୟ ବେଳେ ଉତ୍ତର ଭାରତର କାନ୍ୟକୁବ୍ଜମାନେ ଆସି ଯାଜପୁରରେ ବାସ କରୁଥିଲେ । ସେହିସମୟରେ ଏହି ମୂର୍ତ୍ତିକୁ ଏଠାରେ ଅବସ୍ଥାପିତ କରାଯାଇଥିବା ଜଣାଯାଏ । ଏଠାରେ ଦୁର୍ଗା ଦ୍ୱିଭୁଜା ସମ୍ପନ୍ନ ଏବଂ ମୁକୁଟରେ ସନ୍ନିବେଶିତ ହୋଇଥିବା ପଞ୍ଚଦେବତା ହେଉଛନ୍ତି ଗଣେଶ, ଶଙ୍ଖଚକ୍ର ସହ ଶିବଲିଙ୍ଗ, ନାଗ ଓ ଚନ୍ଦ୍ର । ମାହଙ୍ଗାର ଶୁକ୍ଳେଶ୍ୱର ମନ୍ଦିର, ଟାଙ୍ଗୀର ଚଣ୍ଡେଶ୍ୱର ମନ୍ଦିର, ଭୁବନେଶ୍ୱରର ଭଗ୍ନ ବୁଦ୍ଧନାଥ ମନ୍ଦିରରେ ଦ୍ୱିଭୁଜା ଦୁର୍ଗା ଦେଖିବାକୁ ମିଳେ । ମହିଷ ରୂପରେ ଥିବା ଅସୁରର ଶରୀର ସାଧାରଣତଃ ଶୈଳୋଦ୍ଭବ ରାଜତ୍ୱ ସମୟରେ ଅର୍ଥାତ ୬ଷ୍ଠ – ୮ମ ଶତାବ୍ଦୀରେ ଦେଖାଯାଇଥିଲା । ପରେ ଏହି ରୂପ ଅଧିକାଂଶ ଜାଗାରେ ଦେଖିବାକୁ ମିଳିଥିଲା । କେତେକ କ୍ଷେତ୍ରରେ ଛିନ୍ନମସ୍ତକ ମହିଷ ଶରୀରରୁ ମନୁଷ୍ୟରୂପୀ ଅସୁରର ଆବିର୍ଭାବ ଭୁବନେଶ୍ୱରର କେତେକ ମନ୍ଦିରରେ ଦେଖାଯାଏ । ଏହିପରି ଏକ ମୂର୍ତ୍ତି ଲିଙ୍ଗରାଜ ମନ୍ଦିରରେ ରହିଛି । ନିଆଳିର ଶୋଭନେଶ୍ୱର, ଅଡଶପୁର, ମାହାଙ୍ଗାର ଶୁକ୍ଳେଶ୍ୱର, ଗଞ୍ଜାମର ବଡଗାଁ ଆଦି ମନ୍ଦିରରେ ଏହି ଧରଣର ମୂର୍ତ୍ତି ଦେଖାଯାଏ । ଦ୍ୱିତୀୟରେ ଚତୁର୍ଭୁଜା । ଦୁର୍ଗାଙ୍କ ହସ୍ତ ସଂଖ୍ୟା ବୃଦ୍ଧି ଏକ ଉଲ୍ଲେଖନୀୟ ବିଷୟ ହେଲେ ବି ଏହା ଉପରେ ବିଶେଷ ଗବେଷଣା ହୋଇନାହିଁ । ଚତୁର୍ଭୁଜସମ୍ପନ୍ନ ଦୁର୍ଗାମୂର୍ତ୍ତି ଭୁବନେଶ୍ୱର ଲକ୍ଷ୍ମଣେଶ୍ୱର ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, କୋଣାର୍କ ନିକଟସ୍ଥ ବୟାଳିଶିବାଟିର ଗଙ୍ଗେଶ୍ୱରୀ ଦେଉଳରେ ଦେଖାଯାଏ । ଚତୁର୍ଭୁଜ ମୂର୍ତ୍ତିରେ ଦେବୀ ମୁଖ୍ୟ ଦୁଇ ହସ୍ତରେ ତ୍ରିଶୂଳକୁ ସଳଖ ଭାବେ ଅସୁର ବକ୍ଷରେ ଭେଦ କରୁଥିବା ଦେଖାଯାଏ । ଚତୁର୍ଭୁଜା ବିଗ୍ରହ ଖୋର୍ଦ୍ଧା ନିକଟସ୍ଥ ବଳପୁରରେ ଶୋଭାପାଉଛି । ଭୁବନେଶ୍ୱରର ମେଘେଶ୍ୱର ଓ ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିରରେ ଚତୁର୍ଭୁଜା ଦୁର୍ଗାମୂର୍ତ୍ତି ରହିଛି । ଢେଙ୍କାନାଳର କପିଳାସରେ ଥିବା ମହିଷମର୍ଦ୍ଦିନୀ ଶଙ୍ଖ, ଚକ୍ର, ତ୍ରିଶୂଳ ଧାରଣ କରିଥିବା ଚତୁର୍ଭୁଜା ବକ୍ର ଭଙ୍ଗୀରେ ଠିଆ ହୋଇଥିବା ବେଳେ ଏହା ୧୪ଶ ଶତାବ୍ଦୀରେ ନିର୍ମିତ ବୋଲି କୁହାଯାଏ । ତୃତୀୟ ସ୍ୱରୂପ ଷଡ଼ଭୁଜା । ଖ୍ରୀଷ୍ଟାବ୍ଦ ୬ଷ୍ଠ – ୮ମ ଶତାବ୍ଦୀରେ ଷଡଭୁଜା ଦୁର୍ଗା ନିର୍ମିତ ହୋଇଥିଲା ବୋଲି କୁହଯାଏ । ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିରରେ ଏହିପରି ଏକ ମୂର୍ତ୍ତି ଦେଖାଯାଏ । ଭୁବନେଶ୍ୱରର ଉତ୍ତରେଶ୍ୱର ଓ ବିନ୍ଦୁସାଗର ନିକଟସ୍ଥ ମନ୍ଦିରରେ ଏହିଧରଣର ମୂର୍ତ୍ତି ଦେଖିବାକୁ ମିଳେ । ମହାନଦୀ ଟାପୁରେ ଥିବା ସିଂହନାଥ ମନ୍ଦିର ଗାତ୍ରରେ ମଧ୍ୟ ଏହିପରି ଏକ ମୂର୍ତ୍ତି ରହିଛି । ଚତୁର୍ଥ ରେ ଅଷ୍ଟଭୁଜା । ଖ୍ରୀଷ୍ଟାବ୍ଦ ୮ମ – ୯ମ ଶତାବ୍ଦୀରେ ଅଷ୍ଟଭୁଜା ଦୁର୍ଗା । ମୂର୍ତ୍ତିର ପ୍ରସାର ହୋଇଥିଲା ଏବଂ ଅନେକ ମନ୍ଦିରରେ ଏହିଧରଣର ମୂର୍ତ୍ତି ସ୍ଥାନ ପାଇଥିଲା । ଭୁବନେଶ୍ୱରର ଚାମୁଣ୍ଡାଦେବୀ ମନ୍ଦିର, ବୈତାଳ ଦେଉଳରେ ଏହି ମୂର୍ତ୍ତି ଦେଖାଯାଏ । ଏହାର ଉତ୍ତର ପାର୍ଶ୍ୱବାଡରେ ପାର୍ଶ୍ୱଦେବୀ ଭାବେ ସ୍ଥାନିତ ଏହିପ୍ରକାର ମୂର୍ତ୍ତିଟି ଅତ୍ୟନ୍ତ ଶ୍ରେଷ୍ଠ ବୋଲି କୁହାଯାଏ । ଅଷ୍ଟଭୁଜର ଦକ୍ଷିଣହସ୍ତରେ ଖଡ୍ଗ, ଚକ୍ର, ତ୍ରିଶୂଳ ଆଦି ହିଁଥିବା ବେଳେ ବାମହସ୍ତରେ ଢାଲ, ଧନୁ, ସର୍ପ ଆଦି ରହିଛି । ପ୍ରାଚୀନଦୀ ଅବବାହିକାର ଅସ୍ତରଙ୍ଗ, ମୋଟିଆ, କୋଣାର୍କ, ବାଲେଶ୍ୱରର ଶେରଗଡ, ଢେଙ୍କାନାଳର କୁଆଳୋ ଆଦି ଗ୍ରାମର ମନ୍ଦିରରେ ଏହି ଧରଣର ମୂର୍ତ୍ତି ରହିଛି । ପଞ୍ଚମରେ ଦଶଭୁଜା । ଖ୍ରୀଷ୍ଟାବ୍ଦ ୧୦ମ ଶତାବ୍ଦୀରୁ ଦଶଭୁଜା ମୂର୍ତ୍ତିର ପ୍ରସାର ଆରମ୍ଭ ହୋଇଥିଲା ଏବଂ ଏହି ମୂର୍ତ୍ତି ଓଡ଼ିଶାର ବହୁ ସ୍ଥାନରେ ଦେଖାଯାଏ । ଶିଶିରେଶ୍ୱର ମନ୍ଦିର ଜଗମୋହନ ମଧ୍ୟରେ ଏହିପରି ଏକ ମୂର୍ତ୍ତି ରହିଥିବା ବେଳେ କଳାରାହଙ୍ଗ ଗ୍ରାମର ଜଳେଶ୍ୱର ମନ୍ଦିର ମୂର୍ତ୍ତିଟି ଏହି ଧରଣର । ପ୍ରାଚୀନଦୀ ଅବବାହିକାରେ ଏହି ଧରଣର ମୂର୍ତ୍ତି ବହୁଳ ମାତ୍ରାରେ ଦେଖାଯାଏ । କଟକର ଶୁକ୍ଳେଶ୍ୱର, ନିଆଳିର ଶୋଭନେଶ୍ୱର, ବାଲେଶ୍ୱରର ଦାଦପୁର, ଶେରଗଡ, କଟକର ବଟେଶ୍ୱର, ମହାନଦୀ କୂଳ ସିଂହନାଥ ଓ ବୈଦ୍ୟେଶ୍ୱରରେ ଏହି ଧରଣର ମୂର୍ତ୍ତି ରହିଛି । ଷଷ୍ଠରେ ଦ୍ୱାଦଶଭୁଜା । ଓଡ଼ିଶାରେ ଦ୍ୱାଦଶଭୁଜ ବିଶିଷ୍ଟ ଦୁର୍ଗା ମୂର୍ତ୍ତି ଖୁବ କମ ଦେଖିବାକୁ ମିଳେ । ଏହିମୂର୍ତ୍ତି ଗୁଡିକ ସାଧାରଣତଃ ଖ୍ରୀ୭ମରୁ ୯ମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା । କଟକଜିଲ୍ଲା ଧର୍ମଶାଳାରୁ ଆନୀତ ଦ୍ୱାଦଶଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ରାଜ୍ୟ ସଂଗ୍ରହାଳୟରେ ରହିଛି । ଢେଙ୍କାନାଳର କୁଆଳୋର କନକେଶ୍ୱର ମନ୍ଦିର ପରିସରରେ ଏହି ଧରଣର ଏକ ବିରଳ ମୂର୍ତ୍ତି ରହିଛି । ପ୍ରାଚୀନଦୀ ଅବବାହିକାର ଅମଣାକୁଦ ଗ୍ରାମରେ ଲାଲ କନ୍ଦା ପଥରରେ ନିର୍ମିତ ଏହିମୂର୍ତ୍ତି ଅତି କମନୀୟ । ସପ୍ତମରେ ଅଷ୍ଟାଦଶଭୁଜା । ଖ୍ରୀଷ୍ଟାବ୍ଦ ୧୫ଶ ଶତାବ୍ଦୀରେ ଷୋଡଶ ଭୁଜା ଓ ଅଷ୍ଟାଦଶ ଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ନିର୍ମିତ ହୋଇଥିଲା । ତେବେ ଖୁବ କମ୍ ସ୍ଥାନରେ ଏହିମୂର୍ତ୍ତି ଦେଖାଯାଏ । ଖୋର୍ଦ୍ଧା ନିକଟସ୍ଥ ଡିଆ ଗ୍ରାମରେ ଏହିଧରଣର ଏକ ଅଷ୍ଟାଦଶଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ରହିଛି । ରାଜ୍ୟରେ ଶୈଳୋଦ୍ଭବ ରାଜତ୍ୱ ସମୟରେ ନିର୍ମିତ ମନ୍ଦିରଗୁଡିକରେ ପାର୍ବତୀଙ୍କ ମୂର୍ତ୍ତିକୁ ପାର୍ଶ୍ୱଦେବୀ ଭାବେ ତିଆରି କରାଯାଉଥିବା ବେଳେ ଭୌମିକ ରାଜତ୍ୱ ସମୟରେ ଦୁର୍ଗାମୂର୍ତ୍ତିକୁ ପ୍ରାଧାନ୍ୟ ଦିଆଗଲା । ତେବେ ପୁଣି ସୋମବଂଶୀ ଓ ଗଙ୍ଗବଂଶୀ ରାଜତ୍ୱରେ ରାଜତ୍ୱରେ ପାର୍ବତୀଙ୍କ ମୂର୍ତ୍ତିକୁ ପ୍ରାଧାନ୍ୟ ଦିଆଗଲା । ତେବେ ଭୁଜ ସଂଖ୍ୟା କାହିଁକି ଭିନ୍ନ ଭିନ୍ନ ତାହାର କୌଣସି କାରଣ ଜଣାପଡ଼ି ନ ଥିବା ବେଳେ ମାନସିକ ପ୍ରତିଫଳନର ଆଧାର ବୋଲି ବିଚାର କରାଯାଏ । ପୁଣି ମଧ୍ୟଯୁଗୀୟ କଳାକୌଶଳର ଏହା ଏକ ପ୍ରତିଫଳନ ବୋଲି କେହି କେହି କହନ୍ତି ।


# ଶାରଦୀୟ ମହୋତ୍ସବ ଓ ଦୁର୍ଗା ପୂଜା



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ଭାରତୀୟ ପରମ୍ପରାରେ ମାତୃ ଶକ୍ତି ଓ ନାରୀ ଶକ୍ତି ବନ୍ଦନା ସର୍ବାଗ୍ରେ ଥିବାବେଳେ, ଦୈବୀ ଶକ୍ତି ଉପାସନା ମାଧ୍ୟମରେ ଦୁର୍ଗା ପୂଜାର ଐତିହ୍ୟ ଅତି ପୁରାତନ । ସେହିପରି ଉତ୍କଳୀୟ ସଂସ୍କୃତିରେ ଶକ୍ତି ଉପାସନା ଓ ତନ୍ତ୍ର ସାଧନା, ସମାନ୍ତର ଭାବେ ପରମ୍ପରା ସହ ଯୋଡ଼ି ହୋଇ ରହିଛି । ବସୁଧୈବ କୁଟୁମ୍ବକମ ସ୍ତୁତି ଗାନ କରୁଥିବା ଭାରତୀୟ ଅଧିବାସୀ, ପୂଜ୍ୟ ପୂଜା ମାଧ୍ୟମରେ ମଣିଷ ଚେତନାର ଅଭିବୃଦ୍ଧି ସହ ଆଧାତ୍ମିକ ଭାବନା ସୃଷ୍ଟି କରି ମାନବୀୟ ସଂସ୍କୃତିକୁ ସଠିକ ମାର୍ଗରେ ପରିଚାଳିତ କରିବାର ଯେଉଁ ଉତ୍କୃଷ୍ଟ ମାଧ୍ୟମ ବାଛିଥିଲେ ତାହା ହେଉଛି ‘ପର୍ବପର୍ବାଣୀ’ । ସେଥିପାଇଁ ଉତ୍କଳବାସୀ ବର୍ଷର ବିଭିନ୍ନ ସମୟରେ ପାଳନ କରନ୍ତି ‘ବାର ମାସରେ ତେର ପର୍ବ’ ସେଥିମଧ୍ୟରୁ ଦୂର୍ଗା ପୂଜାର ସ୍ୱତନ୍ତ୍ରତା ହେଉଛି ମାତୃ ବନ୍ଦନାର ଏକ ଅନନ୍ୟ ପର୍ବ । ସୃଷ୍ଟିରେ ଯେତେ ଯୁଗପୁରୁଷ, ମହାପୁରୁଷ ଜନ୍ମ ଗ୍ରହଣ କରିଥିଲେ ସେମାନେ ହେଲେ ଜଣେ ଜଣେ ‘ମା’ ର ସନ୍ତାନ, ସେ, ପାର୍ବତୀ, ଦେବକୀ ହୁଅନ୍ତୁ ବା କୁନ୍ତି ଓ କୌଶଲ୍ୟା, କୁହାଯାଏ ‘ମା’ ବିନା ସୃଷ୍ଟି ଅକଳ୍ପନୀୟ । ସଂସାରରେ ‘ମା’ ବିକଳ୍ପ କିଛି ବି ହୋଇ ନ ପାରେ, ସୁତରାଂ ମାତୃ ଶକ୍ତି ଏକ ଅବର୍ଣ୍ଣନୀୟ ବ୍ୟାଖ୍ୟା । ଜନକଲ୍ୟାଣରେ ଦୈବୀଶକ୍ତି ପ୍ରଭାବ ବିଭିନ୍ନ ସମୟରେ ସଙ୍କଟ ମୋଚକ ଭାବେ ସାବ୍ୟସ୍ତ ହୋଇଛି । ମାନବୀୟ ସଂସ୍କୃତିର ଗତାନୁଗତିକ ଧାରାରେ ‘ପିତୃ ଓ ମାତୃ’ ସମ୍ମାନାର୍ଥେ ପିତୃ ପକ୍ଷରେ ଦିବଂଗତ ପିତୃପୁରୁଷଙ୍କୁ ତିଳ ତର୍ପଣ ସହିତ ଶ୍ରଦ୍ଧା ଶ୍ରାଦ୍ଧରେ ବନ୍ଦିତ କରୁଥିବାବେଳେ ମାତୃ ପକ୍ଷରେ ମା’ଙ୍କୁ ଷୋଡ଼ଶ ଉପଚାରରେ ବନ୍ଦନା କରି ମାତୃ ଭକ୍ତିର ପରିଚୟ ଦେଇଥାଉ । ବିଶେଷକରି ଶାରଦୀୟ ମହୋତ୍ସବର ସ୍ୱତନ୍ତ୍ରତା ଲୋକଙ୍କ ମନରେ ଭରେ ଅପୂର୍ବ ଆନନ୍ଦ, ପୀଠରେ ‘ମା’ଙ୍କ ଷୋଡଶ ଉପଚାର ସହିତ ‘ନବରାତ୍ର ପୂଜା ପରେ ଅନୁଷ୍ଠିତ ହୁଏ ବିଜୟା ଦଶମୀ’ ବା ‘ଦଶହରା’ ଯାହା ସମଗ୍ର ମାନବ ସମାଜକୁ ବାର୍ତ୍ତା ଦେଇଥାଏ ଅଧର୍ମ, ଅସତ୍ୟ ଉପରେ ଧର୍ମ ଓ ସତ୍ୟର ବିଜୟ । ପୁରାଣତଥ୍ୟ ଅନୁଯାୟୀ, ମହାପରାକ୍ରମୀ ମହିଷାସୁର ପ୍ରଜାପତି ବ୍ରହ୍ମା ଓ ମହାଦେବଙ୍କ ଠାରୁ ଅମରତ୍ୱ ବର ପାଇ ଦେବତାମାନଙ୍କୁ ବାରମ୍ବାର ଯୁଦ୍ଧରେ ପରାସ୍ତ କରି ସେମାନଙ୍କୁ ଅପମାନିତ କରୁଥିଲା । ଶେଷରେ ଦେବତା ମାନେ ଦାନବର ଅକଥନୀୟ ଅତ୍ୟାଚାରରୁ ଅତିଷ୍ଠ ହୋଇ ସମଗ୍ର ଦେବତାକୂଳକୁ ରକ୍ଷା କରିବା ପାଇଁ ଯେଉଁ ବିକଳ୍ପ ଉପାୟ ବାଛିଥିଲେ କରିଥିଲେ ତାହା ହେଉଛି ‘ନାରୀ ଶକ୍ତି’ । ମହିଷାସୁର, ବ୍ରହ୍ମା ଓ ରୁଦ୍ରଙ୍କ ବରରେ ବଳିୟାନ ହୋଇ ବ୍ରହ୍ମାଙ୍କ ଠାରୁ ‘ଚାରି ବେଦ’ ମାଗି ନେବା ସହିତ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଆଦି ତିନି ପୁରରେ ପାଶବିକ ଅତ୍ୟାଚାର କରିଚାଲିଲା । ଏକଦା, ଦୁଷ୍ଟ ଦାନବର ଅତ୍ୟାଚାରରକୁ ସହିନପାରି ବ୍ରହ୍ମା ଇନ୍ଦ୍ରଙ୍କୁ ଧରି ହିମାଳୟ ପର୍ବତକୁ ପଳାୟନ କରିଥିଲେ । ସେଠାରେ ଦେବରାଜ ଇନ୍ଦ୍ରଙ୍କ ଠାରୁ ସବୁକଥା ଶୁଣି, ଦେବତା ମାନଙ୍କ ଦୁର୍ଦ୍ଦଶାରେ ମ୍ରିୟମାଣ ହୋଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଉପସ୍ଥିତ ଅନ୍ୟ ଦେବା ଦେବୀଙ୍କର କ୍ରୋଧିତ ତେଜରୁ ସଙ୍ଖ, ଚକ୍ର, ଗଦା, ପଦ୍ମ, ତ୍ରିଶୂଳ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧାରୀ ଏକ ଅଭୂତପୂର୍ବ ବିଶାଳକାୟ ନାରୀ ମୂର୍ତ୍ତି ପ୍ରକଟିତ ହେଲେ । ଦୁରାଚାରୀ ଦୈତ୍ୟର ପ୍ରଭାବରେ ଦେବତା ମାନଙ୍କ ଅସହାୟତା ଓ ତ୍ରିଲୋକର ଦୁଃଖ ଦୁର୍ଦ୍ଦଶା ଦେଖି ‘ମା’ଙ୍କ ଆଖିରୁ ଅବିରତ ଅଶ୍ରୁ ବାରିତ ହେଲା, ଫଳସ୍ୱରୂପ ‘ମା’ଙ୍କ ମୁଖ ମଣ୍ଡଳରେ ପ୍ରକଟିତ ହେଲା ଶହେଟି ନେତ୍ର ଓ ପ୍ରଚଣ୍ଡ ଶକ୍ତି । ଶେଷରେ ‘ମା’ ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଙ୍କୁ ବଦ୍ଧ କରି ତ୍ରିଭୁବନରେ ଶାନ୍ତି ପ୍ରତିଷ୍ଠା କରି, ବ୍ରହ୍ମାଙ୍କୁ ବେଦ ଫେରାଇବା ସହିତ ଇନ୍ଦ୍ରଙ୍କୁ ମଧ୍ୟ ସ୍ୱର୍ଗ ଫେରାଇ ଥିଲେ । ଦେବତାମାନଙ୍କୁ ଦୁର୍ଗତିରୁ ରକ୍ଷା କରିଥିବାରୁ ପ୍ରଜାପତି ବ୍ରହ୍ମା ତାଙ୍କୁ ‘ଦୁର୍ଗା’ ବୋଲି ନାମକରଣ କରିଥିଲେ । ମାତୃ ଶକ୍ତିର ପରାକାଷ୍ଠାକୁ ଲୋକଙ୍କ ମଧ୍ୟରେ ଉଜ୍ଜୀବିତ କରିବାପାଇଁ ବର୍ଷରେ ଦୁଇଥର ଦୂର୍ଗା ପୂଜା ଅନୁଷ୍ଠିତ ହୁଏ ସେଥିମଧ୍ୟରୁ ଶାରଦୀୟ ଦୁର୍ଗାପୂଜା ଓ ବାସନ୍ତୀକ ଦୁର୍ଗାପୂଜା କୁହାଯାଏ ସତୀଙ୍କ ମୃତ୍ୟୁ ପରେ ତାଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଧରି ଭାଗବାନ ଶିବ ତାଣ୍ଡବ କଲେ ଭଗବାନ ବିଷ୍ଣୁ ଶିବଙ୍କ ଏ ଅବସ୍ଥା ଦେଖି ନିଜର ସୁଦର୍ଶନ ଚକ୍ରରେ ସତୀଙ୍କ ଶରୀର କୁ ୫୧ଖଣ୍ଡ କରିଦେଲ, ସେହି ଖଣ୍ଡ ବିଖଣ୍ଡିତ ଶରୀର ଯେଉଁଠି ଯେଉଁଠି ପଡିଲା ସେଗୁଡ଼ିକ ଶକ୍ତିପୀଠ ରେ ପରିଣତ ହେଲା । ଦେବୀ ପୁରାଣ ଅନୁଯାୟୀ, ମୋଟ ୫୧ ଟି ଶକ୍ତିପୀଠ ମଧ୍ୟରୁ ୪୨ଟି ଶକ୍ତିପୀଠ ଭାରତରେ ଥିବାବେଳେ, ଗୋଟିଏ ଶକ୍ତି ପୀଠ ପାକିସ୍ତାନ, ଚାରୋଟି ଶକ୍ତିପୀଠ ବାଂଲାଦେଶ, ଗୋଟିଏ ଶ୍ରୀଲଙ୍କା, ଗୋଟିଏ ତିବ୍ବତ ଓ ଦୁଇଟି ଶକ୍ତିପୀଠ ନେପାଳରେ ଅଛି । ସେଥିମଧ୍ୟରୁ ସତୀଙ୍କ ଡାହାଣ ହାତ ପଡିଥିବା ପିଠଟି କାଶ୍ମୀରର ‘ସାରଦା ପିଠ’, ସତୀଙ୍କ ଡାହାଣ ପାଦର ବୁଢ଼ା ଆଙ୍ଗୁଠି ପଡିଥିବା ଜାଗାଟି ହେଉଛି ପଶ୍ଚିମବଙ୍ଗର କାଳୀ ଘାଟ ସ୍ଥିତ ‘କାଳୀ ମନ୍ଦିର’, ପୁରୀର ବିମଳା ମନ୍ଦିର ଯେଉଁଠି ସତୀଙ୍କ ପାଦ ଏବଂ ଖାଇବା ଉଚ୍ଛିଷ୍ଟ ପଡିଥିଲା, ସତୀଙ୍କ ଗହଣା ଓ ଆଖି ପଡିଥିବା ଶକ୍ତିପୀଠଟି ହେଉଛି ବାରଣାସୀର ‘ବିଶାଳାକ୍ଷୀ’ ମନ୍ଦିର, ଉତ୍ତର ପ୍ରଦେଶସ୍ଥିତ ପ୍ରୟାଗରାଜର ଆଲୋପି ଦେବୀ ମନ୍ଦିର ଯେଉଁଠି ସତୀଙ୍କ ଶରୀର ଶେଷ ଅଂଶ ସ୍ୱରୂପ ଦଶଗୋଟି ଆଙ୍ଗୁଠି ପଡିଥିଲା, ସେହିପରି ମହୀଶୂରରେ ଥିବା ‘ଚାମୁଣ୍ଡେଶ୍ୱରୀ’ ମନ୍ଦିର ଯେଉଁଠାରେ ସତୀଙ୍କ କେଶ ପଡିଥିଲା ଇତ୍ୟାଦି । ଅନ୍ୟ ପୁରାଣ କଥା ଅନୁଯାୟୀ, ଚାରୋଟି ‘ଆଦି ଶକ୍ତିପୀଠ’ ମଧ୍ୟରୁ ଆମ ରାଜ୍ୟ ରେ ଦୁଇଟି, ତନ୍ମଧ୍ୟରୁ ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ଥିତ ‘ମା ବିମଳା ମନ୍ଦିର’ ହୋଇଥିବା ବେଳେ ଅନ୍ୟଟି ଗଞ୍ଜାମର ‘ତାରାତାରିଣୀ ମନ୍ଦିର’ । ମାତୃ ଶକ୍ତିର ସମ୍ମାନାର୍ଥେ ଗାଁ ଗହଳରେ ଥିବା ବିଭିନ୍ନ ଶକ୍ତି ପୀଠରେ ଆଶ୍ୱିନ କୃଷ୍ଣ ପକ୍ଷ ମୂଳାଷ୍ଟମୀ ତିଥିରୁ ଶୁକ୍ଳ ପକ୍ଷ ବିଜୟା ଦଶମୀ ପର୍ଯ୍ୟନ୍ତ ଷୋଡ଼ଶ ଦିନାତ୍ମକ ପୂଜାର୍ଚ୍ଚନା ହେଉଥିବାବେଳେ, ସହରରେ ବିଭିନ୍ନ ପୂଜାସମିତି ପକ୍ଷରୁ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ବର୍ଣାଢ୍ୟ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକ ମାଳାରେ ପାଳିତ ହୁଏ ନବ ଦିନାତ୍ମକ ପୂଜା । ବିଶେଷ କରି ଏହି ନବ ଦିନାତ୍ମକ ପୂଜା ବିଧିରେ ତିନି ଦିନ ମହାଲକ୍ଷ୍ମୀ, ତା’ପର ତିନିଦିନ ମହାକାଳୀ ଓ ଶେଷ ତିନିଦିନ ମହାସରସ୍ୱତୀ ରୂପେ ଦୁର୍ଗାଙ୍କ ପୂଜାର୍ଚ୍ଚନାର ବିଧି ପ୍ରଚଳିତ ହୋଇଆସୁଛି । ଏହି ନଅ ଦିନ ଦୁର୍ଗତିନାଶିନୀ ମା ଦୁର୍ଗା ନଅଟି ଦିନରେ ନଅ ନାମରେ ପୂଜା ହୋଇଥାନ୍ତି, ପ୍ରଥମ ଦିନ- ମା ଶୈଳପୁତ୍ରୀ, ଦିତୀୟ ଦିନ - ମା ବ୍ରହ୍ମଚାରିଣୀ, ତୃତୀୟ ଦିନ - ମା ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ - ମା କୁଷ୍ମାଣ୍ଡା, ପଞ୍ଚମ ଦିନ- ମା ସ୍କନ୍ଧ ମାତା, ଷଷ୍ଠ ଦିନ -ମା କାତ୍ୟାୟନୀ, ମହାସପ୍ତମୀ ଦିନ - ମା କାଳରାତ୍ରୀ, ମହାଅଷ୍ଟମୀରେ ମା ମହାଗୌରୀ, ଓ ମହାନବମୀ ରେ - ମା ସିଦ୍ଧିଦାତ୍ରୀ ରୂପେ ପୂଜା କରାଯାଏ । ନବରାତ୍ର ପୂଜା ସହ ଦଶମୀଦିନ ଦେବୀଙ୍କୁ ଆରାଧନା କଲେ ଦଶ ଦୋଷ କରିଥିବା ପାପରୁ ମୁକ୍ତି ମିଳେ ତେଣୁ ଏହାକୁ ଆମ ଉତ୍କଳୀୟ ପରମ୍ପରା ରେ ଦଶହରା ବୋଲି ମଧ୍ୟ କୁହାଯାଏ । ଏ ସବୁ ସତ୍ତ୍ୱେ ବର୍ତ୍ତମାନ ସମାଜରେ ମହିଷାସୁର ପ୍ରବୃତ୍ତି ଦିନକୁ ଦିନ ବଢିବାରେ ଲାଗିଛି । ବର୍ତ୍ତମାନ ଲୋକଙ୍କ ଶିକ୍ଷା ଦୀକ୍ଷା ପୂର୍ବାପେକ୍ଷା ଉନ୍ନତ ଥିଲେ ମଧ୍ୟ ମାନସିକ ଅଧୋଗତି ବଢ଼ି ଚାଲିଛି ଯାହା ଆଗାମୀ ପିଢି ଙ୍କ ପାଇଁ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିବ । ପ୍ରତ୍ୟେକ କ୍ଷେତ୍ରରେ ମଣିଷ ନିଜକୁ ଅସହାୟ ମନେକରୁଛନ୍ତି । ବିଶେଷକରି ନାରୀ ନିର୍ଯାତନା, ଧର୍ଷଣ, ଲୁଣ୍ଠନ, ଇତ୍ୟାଦି ମଣିଷର ଆସୁରିକ ପ୍ରବୃତ୍ତି ପାଇଁ ନାରୀ ଆଜି ଅସୁରକ୍ଷିତ ମନେ କରୁଥିବା ବେଳେ, ନାରୀ ମାନଙ୍କର ଉଗ୍ର ଆଧୁନିକତା ଆଚରଣ ସମପରିମାଣରେ ଏ ଦିଗକୁ ପ୍ରୋତ୍ସାହିତ କରେ । ପରିଶେଷରେ ଜଗତଜନନୀ, କଲ୍ୟାଣମୟି ମା ଦୁର୍ଗା ମଣିଷର ଆସୁରିକ ପ୍ରବୃତ୍ତି ହରଣକରି ସମସ୍ତଙ୍କୁ ମାନସିକ ତଥା ବୌଦ୍ଧିକ ପରିବର୍ତ୍ତନରେ ସହାୟ ହୋଇ ସଂସାର ରେ ପୁନଃ ଶାନ୍ତି ପ୍ରତିଷ୍ଠା କରି ଦୈବୀଶକ୍ତିର ପରାକାଷ୍ଠା କୁ ଉଜ୍ଜିବିତ କରିବା ସହିତ ସମସ୍ତଙ୍କ ମନରେ ଶାକ୍ତ ଚେତନା ଜାଗ୍ରତ କରିବାରେ ସହାୟକ ହୁଅନ୍ତୁ । ଯାଦେବୀ ସ୍ୱର୍ଭୂତେଷୁ ମାତୃ ରୂପେଣ ସଂସିସ୍ଥା,ଯାଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସିସ୍ଥା, ନମଃସ୍ତସୈ,ନମଃସ୍ତସୈ ନମଃସ୍ତସୈ । ନମଃ ନମଃ , ଏହାହିଁ ହେଉ ସମସ୍ତଙ୍କ ହୃଦୟ ରେ ଶାରଦୀୟ ସ୍ପନ୍ଦନ ।

# ନବ ଦୁର୍ଗା ଉପାସନା



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ଆମର ପୁରାଣ ଓ ଶାସ୍ତ୍ର ମାନଙ୍କରେ ପୁରୁଷ ଓ ପ୍ରକୃତିର ସର୍ବଶ୍ରେଷ୍ଠ ପ୍ରତୀକ ଭାବେ ଭଗବାନ ଶିବ ଓ ମା ପାର୍ବତୀଙ୍କୁ ଆଦି ପୁରୁଷ ଓ ଆଦି ଶକ୍ତି ଭାବେ ଉପସ୍ଥାପନା କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ସୃଷ୍ଟିକୁ ପରମପିତା ନିଜେ କିପରି ବଞ୍ଚିବାର ହେବ ତାର ବାଟ ଦେଖାଉଛନ୍ତି । ଏହି କ୍ରମରେ ସେ ଅନେକ ସ୍ୱରୂପ ଧାରଣ କରି ଏହାର କାହାଣୀ ମାନଙ୍କ ଦ୍ୱାରା ମାନବ ସମାଜକୁ ସଠିକ ମାର୍ଗଗର୍ଶନ ପ୍ରଦାନ କରନ୍ତି । ମାଆ ଦୁର୍ଗା ଯିଏକି ଆଦି ଶକ୍ତିଙ୍କ ମୂଳ ସ୍ୱରୁପରୁ ଜାତ ସର୍ବଶକ୍ତିମୟୀ ସତ୍ତା ଏହି ସମାଜ ସଂସ୍କାରର ମୁଖ୍ୟ ସୂତ୍ରଧର । ତେଣୁ ତାଙ୍କରି ଶାରଦୀୟ ପୂଜା ସମୟରେ ତାଙ୍କରି ଆଲୋଚନା ଓ ଉପାସନା ଦ୍ୱାରା ଆମେ ଜୀବଗଣ ପରମାତ୍ମାଙ୍କୁ ପ୍ରାପ୍ତ କରି ପାରିବା । ଶକ୍ତିଙ୍କ ବର୍ଣ୍ଣନାରେ କେନୋପନିଷଦ ଉଲ୍ଲେଖରେ କୁହାଗଲା -

‘‘ବିଦ୍ୟାଂ ଚା ବିଦ୍ୟାଂ
ଚ ଯସ୍ତଦ୍ ବେଦୋଭୟଂ ସହ
ଅବିଦ୍ୟାୟା ମୃତ୍ୟୁଂ ତୀର୍ତ୍ତ୍ୱା
ବିଦ୍ୟାୟାଃ ମୃତମଶ୍ନୁତେ ।’’

ଅର୍ଥାତ୍ ମା ହିଁ ଅବିଦ୍ୟା ରୂପରେ ଜୀବକୁ ସଂସାରରେ ଆବଦ୍ଧକରି ରଖେ ଓ ବିଦ୍ୟା ରୂପରେ ଜୀବକୁ ମୁକ୍ତି ପ୍ରଦାନ କରେ । ‘ବୃହତ ନାରଦୀୟ’ରେ ଲେଖାଗଲା-

ତସ୍ୟ ଶକ୍ତି
ପରା, ବିଷ୍ଣୋର୍ଜଗତ୍ କାର୍ଯ୍ୟପରିକ୍ଷମା
ଭାବା
ଭାବସ୍ୱରୂପା ସାବିଦ୍ୟର୍ତ୍ତ୍ୱିଦ୍ୟେତି
ଗୀୟଚେ ।

ତେଣୁ ଶାରଦୀୟ ଦୁର୍ଗାତ୍ସୋବ ବେଳେ ମୃଣ୍ମୟୀ ଦେବୀଙ୍କ ମୂର୍ତ୍ତିର ଉପାସନା ସହ ସଂଲଗ୍ନ ଆକର୍ଷଣୀୟ ମେଢ, କାର୍ଯ୍ୟକ୍ରମ, ମେଳା ଇତ୍ୟାଦି ମଧ୍ୟ ଶକ୍ତିଙ୍କ ଅବିଦ୍ୟା ସ୍ୱରୂପରେ ଆବଦ୍ଧ ସାଂସାରିକ ଭକ୍ତଙ୍କ ଉପାସନା ପଦ୍ଧତି, ମାତ୍ର ସେହିଠାରେ ମନ୍ଦିର, ଗୃହ, ପୀଠମାନଙ୍କରେ ମା’ଙ୍କର ବ୍ରହ୍ମ ସ୍ୱରୂପର ଉପାସନା ଐଶ୍ୱର୍ଯ୍ୟ ରହିତ ହୋଇଥିଲେ ବିଦ୍ୟାଯୁକ୍ତ ମୁକ୍ତିର ମାର୍ଗ ପ୍ରଶସ୍ତ କରେ ।

ସପ୍ତଶତୀ ଚଣ୍ଡୀରେ ଦେବୀଙ୍କର ନଅଗୋଟି ରୂପ ସମ୍ପର୍କରେ ବର୍ଣନା କରାଯାଇଛି । ନବଦୁର୍ଗା ଚଣ୍ଡୀରେ କୁହାଗଲା-

‘‘ ପ୍ରଥମଂ ଶୈଳୀ ପୁତ୍ରିତି, ଦ୍ୱିତୀୟେ
ବ୍ରହ୍ମଚାରିଣୀ
ତୃତୀୟେ ଚନ୍ଦ୍ର ଘଣ୍ଟେତି, କୁଷ୍ମାଣ୍ଡେତି
ଚତୁର୍ଥକମ୍ ।
ପଞ୍ଚମଂ ସ୍କନ୍ଦ ମାତେତି, ଷଷ୍ଠଂ
କାତ୍ୟାୟତି ତଥା
ସପ୍ତମଂ କାଳ ରାତ୍ରିତ, ମହାଗୌରୀ
ତି ଗଷ୍ଟମଂ
ନବମଂ ସିଦ୍ଧିଦାତ୍ରି ଚ, ନବଦୁର୍ଗା
ପ୍ରକୀର୍ତ୍ତିତା ।’’

ମାଙ୍କ ଏହି ନବଦୂର୍ଗା ସ୍ୱରୁପଙ୍କ ପୂଜାକୁ ନବରାତ୍ର ପୂଜା କୁହାଯାଏ। ଆଶ୍ୱିନ ଓ ଚୈତ୍ରମାସର ଶୁକ୍ଳ ପ୍ରତିପଦା ତିଥିକୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ନବଦୁର୍ଗାଙ୍କ ନବରାତ୍ର ପୂଜା ବିଧି ବିଧାନରେ ଅନୁଷ୍ଠିତ ହୋଇଥାଏ । ତେବେ ବିଶେଷତଃ ଶରତ ଋତୁରେ ଏହି ନବ ଦିନର ରାତ୍ରିକୁ ନବରାତ୍ର କୁହାଯାଏ । ଏହି ନବରାତ୍ରରେ ଅନେକ ତନ୍ତ୍ର ସାଧନ, ଜପ, ହୋମ, ପୁରଶ୍ଚରଣ, କବଚ ଲିଖନ ଆଦି କରି ତନ୍ତ୍ର ବିଦ୍ୟା ଅନୁସାରେ ବହୁ ସଫଳତା ଲାଭ କରନ୍ତି ।

ଏହି ପୂଜାର ମୁଖ୍ୟ ମନ୍ତ୍ର ହେଉଛି ନବାର୍ଣ୍ଣମନ୍ତ୍ର, ଏହା ଭଗବତୀ ଆଦ୍ୟା ମହାଶକ୍ତିଙ୍କର ଅତିପ୍ରିୟ ମନ୍ତ୍ର- ‘ଐଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଚ୍ଚେ’

ଐଂ ଅକ୍ଷରର ଅର୍ଥ ହେଉଛି ସରସ୍ୱତୀ ଆମ ଦୁଃଖ ଦୂର କରନ୍ତୁ । ଦ୍ୱିତୀୟ ଅକ୍ଷର ହ୍ଳୀଂ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ହୋଇଥିବା ବେଳେ ଅନେକ ଭୁବନେଶ୍ୱରୀଙ୍କୁ କମଳା ବା ଲକ୍ଷ୍ମୀଙ୍କ ପ୍ରତିନିଧି ବୋଲି ବିଚାର କରନ୍ତି । ତୃତୀୟ ଅକ୍ଷର ‘କ୍ଲୀଂ’ କାଳୀ ବୀଜ ବା କାମବୀଜ ଅଟେ। ଚାମୁଣ୍ଡାୟୈ ଶବ୍ଦର ଅର୍ଥ ହେଲା ସତ୍, ଚିତ ଓ ଆନନ୍ଦ ସ୍ୱରୁପା ଚାମୁଣ୍ଡା ଦେବୀଙ୍କୁ ବିଚ୍ଚେ ଶବ୍ଦର ଅର୍ଥ ହେଲା ଜାଣିବା ଚେଷ୍ଟା କରିବା ଓ ଯଜ୍ଞାଦି କର୍ମରେ ବ୍ୟାପୃତ ହେବା । ମୁଖ୍ୟତଃ ଦେବୀଙ୍କ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ-ଏହି ତ୍ରିବିଧ ରୂପକୁ ବା ତତ୍ୱକୁ ଏହି ମନ୍ତ୍ର ଦ୍ୱାରା ବୁଝି ଦେବୀଙ୍କୁ ସମ୍ପର୍ଣ୍ଣ ଭକ୍ତି ଓ ଉପାସନା ମାର୍ଗ ପ୍ରଶସ୍ତ ହୁଏ ।

ପ୍ରଥମଂ ଶୈଳପୁତ୍ରୀ ବା ହିମାଳୟ ତନୟ ମା ପାର୍ବତୀଙ୍କ ସ୍ୱରୂପର ମଣିଷକୁ ନିଜର ଜନ୍ମଦାତା ମାତା ପିତାଙ୍କ ସହ ଜଡିତ ରହିବାର ଶିକ୍ଷା ଦିଏ । ସନ୍ତାନ ଯେତେ ବଡ ହେଲେବି ତା ପରିଚୟର ଆଧାର ତାର ଜନ୍ମଦାତା । ଦ୍ୱିତୀୟ ବ୍ରହ୍ମଚାରିଣୀ ସ୍ୱରୁପରେ ଦେବୀ ସଂସାରକୁ ତପସ୍ୟା ଦ୍ୱାରା ନିଜର ଅସ୍ତିତ୍ୱର ପରିଚୟ ପାଇବାର ଶିକ୍ଷା ଦିଅନ୍ତି । ଇନ୍ଦ୍ରିୟକୁ ସଂଯମିତ କରି ନିଜର ଧୀ ଶକ୍ତିର ବିକାଶ ଦ୍ୱାରା ଜୀବନର ଉଦ୍ଦେଶ୍ୟ ପ୍ରାପ୍ତିର ମାର୍ଗ ହେଲା ତପସ୍ୟା । ‘ତ୍ରତୀୟଂ ଚନ୍ଦ୍ରଘଣ୍ଟା’ ତପରୁ ଉର୍ଜ୍ଜନିତ ହୋଇ ସୁବର୍ଣ୍ଣ ସଦୃଶ୍ୟ ନିଜର ଶରୀରର ଆଲୋକ ଓ ଚନ୍ଦ୍ର ଭଳି ଐଶ୍ୱର୍ଯ୍ୟ ପ୍ରାପ୍ତି ହେଲା ପରେ ମଣିଷ ନିଜର ବପୁ ମର୍ଦ୍ଦନ କରିବାକୁ ସକ୍ଷମ ହୁଏ ମା’ଙ୍କ ଏହି ରୂପର କୃପାରୁ । ‘ଚତୁର୍ଥଂ କୁଷ୍ମାଣ୍ଡା’ ରିପୁ ବିନାଶ ପରେ ସତ୍ ଶକ୍ତିର ସୃଜନା ,ତାଙ୍କର ଲାଳନ ପାଳନ କରି ଏକ ନୂତନ ସତ୍ତାର ସ୍ଥାପନାର ଆଦ୍ୟ ସ୍ୱରୂପ ହେଉଛନ୍ତି ମା କୁଷ୍ମାଣ୍ଡା । ପ୍ରଥମ ସ୍କନ୍ଦମାତା ସ୍ୱରୁପରେ ମା ହେଲେ ଶିବପୁତ୍ର କାର୍ତ୍ତିକେୟଙ୍କ ଜନନୀ, ସଂସାରକୁ ଜନନୀ ମର୍ଯ୍ୟାଦା, ଜନନୀର ଶକ୍ତି, ଜନନୀର ସମ୍ମାନର ଶିକ୍ଷା ଦେଉଥିବା ମାଆଙ୍କ ଏହି ସ୍ୱରୁପକୁ ଜୀବର ଉର୍ବର ବୀଜର ଅଙ୍କୁରାପନ କରିବାର ଷଷ୍ଠ କାତାୟନୀ, ଦେବୀଙ୍କ ଏହି ସ୍ୱରୁପ ଉତ୍ସାହବର୍ଦ୍ଧକ ଏବଂ ସର୍ବତ୍ର ବିଜୟ ପ୍ରଦାନକାରି ।ସପ୍ତମ କାଳରାତ୍ର ସ୍ୱରୁପରେ ଦେବୀ ସଂସାରକୁ କ୍ରୋଧ, କାମ, ବାସନା ଇତ୍ୟାଦି ବନ୍ଧନରୁ ମୁକ୍ତ ହେବାର ବାର୍ତ୍ତା ଦେଇଥାଏ । ଅଷ୍ଟମ ମହାଗୌରୀ ସ୍ୱରୁପର କାହାଣୀ ଦ୍ୱାରା ଦେବୀ ସଂସାରକୁ ଆତ୍ମା ରୂପି ପିଣ୍ଡକୁ କାଳରାତ୍ରିଙ୍କ ପ୍ରଶସ୍ତ ମାର୍ଗରେ କାମ-କ୍ରୋଧ-ମୋହ--ହୋଇ ସୁଦ୍ଧ ସାତ୍ୱିକ ପ୍ରଭାରେ ଆତ୍ମାକୁ ପ୍ରଭାବିତ କରିବାର ଶିକ୍ଷା ଦିଅନ୍ତି । ନବମଂ ସିଦ୍ଧିଦାତ୍ରୀ ସ୍ୱରୁପରେ ଜୀବକୁ ଉକ୍ତ ସମସ୍ତ ପଥକୁ ଅତିକ୍ରମ କରିଲା ପରେ ଶେଷ ସିଦ୍ଧି ମୁକ୍ତ ର ମାର୍ଗଦର୍ଶନ କରାନ୍ତି ।

ନବରାତ୍ରିରେ ଏହି ନବଦୁର୍ଗାଙ୍କ ଉପାସନା ଦ୍ୱାରା ମଣିଷ ଐହିକ,ପାରତ୍ରିକ, ଆସୁଷ୍ଟିକ ତ୍ରିବିଧ ଦୁଃଖରୁ ମୁକ୍ତି ପ୍ରାପ୍ତ କରି ଚତଃବର୍ଗ ଫଳ ପ୍ରାପ୍ତି କରିଥାଏ ଓ ନିଜ ଜୀବନକୁ ସାର୍ଥକ କରିଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଏସିଆ କପ୍ ଚାମ୍ପିଅନ୍ ଟିମ୍ ପାଇଁ ପୁରସ୍କାର ଘୋଷଣା

# ଟିମ୍ ଇଣ୍ଡିଆକୁ ୨୧ କୋଟି ଦେଲା ବିସିସିଆଇ

**ଦୁବାଇ**

ଏସିଆ କପ୍‌ର ଚଳିତ ସଂସ୍କରଣ ବାଦ ବିବାଦ ମଧ୍ୟରେ ଶେଷ ହୋଇଛି । ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ ୱିକେଟ୍‌ରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଭାରତ ନବମ ଥର ଏସିଆ କପ୍ ଚାମ୍ପିଅନ୍ ହୋଇଛି । ଏସିଆ କପ୍ ଚାମ୍ପିଅନ୍ ଟିମ୍ ଇଣ୍ଡିଆ ପାଇଁ ବିସିସିଆଇ ୨୧କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି । ଉଭୟ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ଏହି ପୁରସ୍କାର ପାଇଛନ୍ତି ।

ବିସିସିଆଇ ତା'ର ଅଫିସିଆଲ୍ ସୋସିଆଲ୍ ମିଡିଆ 'ଏକ୍ସ' ପୃଷ୍ଠାରେ ଟ୍ୱିଟ୍ କରି ପୁରସ୍କାର ଘୋଷଣା କରିଥିଲା । ଏଥିରେ ଉଲ୍ଲେଖ ରହିଥିଲା ଯେ, ୩ଥର । ଶୂନ ପ୍ରତିକ୍ରିୟା । ଏସିଆ କପ୍ ଚାମ୍ପିଅନ୍ । ବାର୍ତ୍ତା ପହଞ୍ଚିଯାଇଛି । ଟିମ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ୨୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।





ରବିବାର ଦୁବାଇ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଦେଖିବାକୁ ମିଳିଥିଲା ଭୀଷଣ ଲଢ଼େଇ । ତିଳକ ବର୍ମା । ପାକିସ୍ତାନର ରଣନୀତିର ପ୍ରାଚୀରକୁ ଭେଦ କରି ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ, ଶେଷରେ ରିଙ୍କୁ ସିଂ ଆକର୍ଷଣୀୟ ଚୌକା ମାରି ଦଳକୁ ଏସିଆ କପ୍ ଚାମ୍ପିଅନ କରାଇଥିଲେ । ଶେଷ ୨ ଓଭରରେ ଭାରତ ୧୭ ରନ୍ ଆବଶ୍ୟକ କରୁଥିଲା । ୧୯ତମ ଓଭର ବୋଲିଂ କରିବାକୁ ଆସିଥିଲେ ଫହିମ ଅସ୍ରଫ । ପ୍ରଥମ ୩ ବଲରେ ଏକ ରନ୍ ଲେଖାଏଁ ସେ ବ୍ୟୟ କରିଥିଲେ । ଚତୁର୍ଥ ବଲରେ ଶିବମ ଦୁବେ ଚୌକା ମାରିଥିଲେ । ପଞ୍ଚମ ବଲରେ କୌଣସି ରନ୍ ହୋଇନଥିଲା । ଅନ୍ତିମ ବଲରେ ଦୁବେ ଲଙ୍ଗ୍ ଅଫ୍‌ରେ ବିଶାଳ ଛକା ମାରିଥିଲେ । କିନ୍ତୁ ଛକାର ମଉଜ ମଧ୍ୟରେ ପ୍ରଶଂସକଙ୍କ ହୃଦ୍‌ସ୍ପନ୍ଦନ ଯେମିତି କିଛି ସେକେଣ୍ଡ ଅଟକି ଯାଇ ଥିଲା । ଦୁବେ ଆଉଟ୍ ହୋଇଥିଲେ । ସେ ୨୨ ବଲରୁ ୩୩ ରନ୍ (୨ ଚୌକା, ୨ ଛକା) କରିଥିଲେ ।

ଅନ୍ତିମ ଓଭରରେ ଲୋଡ଼ା ଥିଲା ୧୦ ରନ୍ । ହ୍ୟାରିସ୍ ରୌଫଙ୍କ ପ୍ରଥମ ବଲରେ ତିଳକ ବର୍ମା ୨ ରନ୍ ନେଇଥିଲେ । ପୁଣି ଦ୍ୱିତୀୟ ବଲରେ ଛକା ମାରିବା ପରେ ଭାରତୀୟ ଘୋର ଆଶ୍ୱସ୍ତି ପ୍ରକାଶ କରିଥିଲେ । ତୃତୀୟ ବଲରେ ସେ ୧ ରନ୍ ନେଇଥିଲେ । ଚତୁର୍ଥ ବଲ୍‌ରେ ରିଙ୍କୁ ସିଂ ଚୌକା ମାରି ଦଳକୁ ଜିତାଇଥିଲେ । ଏ ବିଜୟ ଧ୍ୱନି ଦୁବାଇରୁ ଭାରତର କୋଣ ଅନୁକୋଣରେ ଗୁଞ୍ଜରିତ ହୋଇଥିଲା । ତିଳକ ୫୩ ବଲରୁ ୩ ଚୌକା ଓ ୪ ଛକା ସହାୟତାରେ ୬୯ ରନ୍ ଏବଂ ରିଙ୍କୁ ୪ ରନ୍ କରି ଅପରାଜିତ ରହିଥିଲେ । ଡିଫେଣ୍ଡିଂ ଚାମ୍ପିଅନ ଭାରତ ଚିତ୍ତାକର୍ଷକ ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ ୱିକେଟ୍‌ରେ ହରାଇ ନବମ ଥର ଟାଇଟଲ ଜିତିଛି । ଚଳିତ ଏସିଆ କପ୍‌ରେ ଭାରତ ତୃତୀୟ ଥର ପାକିସ୍ତାନକୁ ହରାଇବାରେ ସଫଳ ହୋଇଛି ।

ଅନ୍ୟପଟେ ଏସିଆ କପ୍‌ର ମ୍ୟାଚ୍ ଫି' ଭାରତୀୟ ସେନାକୁ ସମର୍ପିତ କଲେ କ୍ୟାପଟେନ୍ ସୂର୍ଯ୍ୟକୁମାର ଯାଦବ । ଏନେଇ ସୋସିଆଲ୍ ମିଡିଆ 'ଏକ୍ସ' ପୃଷ୍ଠାରେ ଟ୍ୱିଟ୍‌ରେ ସୂର୍ଯ୍ୟକୁମାର ଲେଖିଛନ୍ତି ଯେ ମୁଁ ଏହି ଟୁର୍ଣ୍ଣାମେଣ୍ଟରୁ ମୋର ସମସ୍ତ ମ୍ୟାଚ୍ ଫି' ଭାରତୀୟ ସେନା ବାହିନୀ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପୀଡ଼ିତଙ୍କ ପରିବାରକୁ ସମର୍ଥନ କରିବା ପାଇଁ ଦାନ କରିବାକୁ ନିଷ୍ପତ୍ତି ନେଇଛି । ତୁମେ ସବୁବେଳେ ମୋ ହୃଦୟରେ ରହିବ ।

## 'ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ' ଅଭିଷେକ ଶର୍ମାଙ୍କୁ ଉପହାରରେ ମିଳିଲା ୩୩ ଲକ୍ଷ ୬୦ ହଜାର ଟଙ୍କାର କାର୍






**ନୂଆଦିଲ୍ଲୀ**

ଭାରତୀୟ ଦଳ ଏସିଆ କପ୍-୨୦୨୫ ଜିତିଛି, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଟ୍ରଫି ପାଇନାହାନ୍ତି । ସେପ୍ଟେମ୍ବର ୨୮ ତାରିଖରେ ଭାରତ-ପାକିସ୍ତାନ ଫାଇନାଲ ପରେ ମ୍ୟାଚ୍ ପରବର୍ତ୍ତୀ ଉପସ୍ଥାପନା ବିଳମ୍ବିତ ହୋଇଥିଲା । ଟିମ୍ ଇଣ୍ଡିଆ ଟ୍ରଫି ନେଇ ନଥିଲା, କିନ୍ତୁ ତିଳକ ବର୍ମାଙ୍କୁ ତାଙ୍କ ୬୯ ରନର ଇନିଂସ ପାଇଁ ପ୍ଲେୟାର ଅଫ ଦ ମ୍ୟାଚ୍ ଭାବରେ ବିବେଚିତ କରାଯାଇଥିଲା, ସେହିପରି ଅଭିଷେକ ଶର୍ମାଙ୍କୁ ତାଙ୍କ ୩୧୪ ରନ ପାଇଁ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ ଭାବରେ ବିବେଚିତ କରାଯାଇଥିଲା । ଏହି ସଫଳତା ସହିତ, ତାଙ୍କୁ ଏକ ହାଭାଲ H9 SUV କାର୍ ଉପହାର ମିଳିଛି ।

ଅଭିଷେକ ଶର୍ମାଙ୍କୁ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବରେ ବିବେଚିତ ହେବା ପାଇଁ ଏକ ହାଭାଲ H9 SUV ମିଳିଥିଲା । ଏହି ୭-ସିଟ୍ କାର୍ ଏହାର ଚମତ୍କାର ଦୃଶ୍ୟ, ଲଗ୍‌ଜରୀ ଫିଚର ଏବଂ ଅଫ-ରୋଡ୍ କ୍ଷମତା ପାଇଁ ଜଣାଶୁଣା । ଏହି ଗାଡ଼ି ଏପର୍ଯ୍ୟନ୍ତ ଭାରତରେ ଉପଲବ୍ଧ ହୋଇନାହିଁ, କିନ୍ତୁ କିଛି ରିପୋର୍ଟ ସୂଚାଇଛି ଯେ ଏହା ଏହି ବର୍ଷ ଶେଷ ସୁଦ୍ଧା ଭାରତରେ ଲଞ୍ଚ୍ ହୋଇପାରେ । ଅଭିଷେକ ଶର୍ମାଙ୍କୁ ପୁରସ୍କାର ଭାବରେ ପାଇଥିବା ହାଭାଲ H9 SUV । ହାଭାଲ ସାଉଦି ଆରବ ୱେବସାଇଟ ଅନୁଯାୟୀ, ଭାରତରେ ଏହି ଲଗ୍‌ଜରୀ କାର୍‌ର ମୂଲ୍ୟ ପ୍ରାୟ ୩୩ ଲକ୍ଷ ୬୦ ହଜାର । ଏହି ଯାନଟି ଚାଇନା ଅଟୋମୋବାଇଲ କମ୍ପାନୀ ଜିଡବ୍ଲୁଏମ୍ ଦ୍ୱାରା ନିର୍ମିତ ।

## ମୋଦିଙ୍କ ଟୁଇଟ୍‌କୁ ନେଇ ମୁହଁ ଖୋଲିଲେ ସୂର୍ଯ୍ୟକୁମାର



**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏସିଆ କପ୍-୨୦୨୫ ଫାଇନାଲରେ ଭାରତର ବିଜୟ ଉପରେ ଏକ ଟୁଇଟ୍ କରିଥିଲେ । ଏହା ପାକିସ୍ତାନକୁ କ୍ରୋଧିତ କରିଥିଲା । ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇ ଭାରତର ବିଜୟକୁ ଅପରେସନ ସିନ୍ଦୂର ସହିତ ଯୋଡ଼ିଥିଲେ । ଟିମ୍ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହାକୁ ନେଇ ନିଜ ମନ୍ତବ୍ୟ ଦେଇଛନ୍ତି । ଦେଶର ନେତାଙ୍କୁ ଫ୍ରଣ୍ଟ ଫୁଟରେ ବ୍ୟାଟିଂ କରିବା ଦେଖିବା ବହୁତ ଭଲ ଲାଗୁଛି ବୋଲି ସେ କହିଛନ୍ତି । ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ଦେଶର ନେତାଙ୍କୁ ଫ୍ରଣ୍ଟ ଫୁଟ୍‌ରେ ବ୍ୟାଟିଂ କରିବା ଦେଖିବା ବହୁତ ଭଲ ଲାଗୁଛି । ଏହା ଏପରି ଲାଗୁଛି ଯେପରି ସେ ଷ୍ଟ୍ରାଇକ୍ ନେଉଛନ୍ତି ଏବଂ ରନ କରୁଛନ୍ତି । ଯେତେବେଳେ ସାର୍ ସାମ୍ନାରେ ଠିଆ ହେବେ, ଖେଳାଳିମାନେ ନିଶ୍ଚିତ ଭାବରେ ମୁକ୍ତ ଭାବରେ ଖେଳିବେ । ଭାରତୀୟ ଦଳ ଏସିସି ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କଠାରୁ ଏସିଆ କପ ୨୦୨୫ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା । ଏ ସମ୍ପର୍କରେ ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ମୁଁ ଏହାକୁ ବିବାଦ କହିବି ନାହିଁ । ଯଦି ଆପଣ ଲକ୍ଷ୍ୟ କରିବେ, ଲୋକମାନେ ଏଠାରେ ସେଠାରେ ଟ୍ରଫିର ଫଟୋ ପୋଷ୍ଟ କରିଛନ୍ତି, କିନ୍ତୁ ପ୍ରକୃତ ଟ୍ରଫି ହେଉଛି ଯେତେବେଳେ ଆପଣ ଲୋକଙ୍କ ହୃଦୟ ଜିତିପାରିବେ । ପରଦା ପଛରେ କାମ କରୁଥିବା ଲୋକମାନେ ହିଁ ପ୍ରକୃତ ଟ୍ରଫି । ପ୍ରକୃତ ଟ୍ରଫି ହେଉଛି ପଡ଼ିଆରେ ଏତେ ଲୋକଙ୍କର କାମ ଏବଂ ପ୍ରୟାସ ।

ସୂର୍ଯ୍ୟକୁମାର କହିଛନ୍ତି, ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସମଗ୍ର ଦେଶ ଉତ୍ସବ ପାଳନ କରିଛି । ଯେତେବେଳେ ଆମେ (ଭାରତକୁ) ଫେରିବୁ, ଏହା ଭଲ ଲାଗିବ ଏବଂ ଆମେ ଭଲ ପ୍ରଦର୍ଶନ କରିବାକୁ ଆହୁରି ପ୍ରେରଣା ପାଇବୁ ।

ତିଳକ ବର୍ମାଙ୍କ ଚମତ୍କାର ଅର୍ଦ୍ଧଶତକ ସାହାଯ୍ୟରେ ଫାଇନାଲରେ ପାକିସ୍ତାନକୁ ପାଞ୍ଚ ଉଇକେଟରେ ପରାସ୍ତ କରି ଭାରତ ନବମ ଥର ପାଇଁ ଏସିଆ କପ ଜିତିଥିଲା । ସାରା ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହିଥିବା ଭାରତୀୟ ଦଳ ମଧ୍ୟ ପାକିସ୍ତାନ ବିପକ୍ଷରେ ବିଜୟର ହ୍ୟାଟ୍ରିକ ହାସଲ କରିଥିଲା । ଭାରତର ବିଜୟ ପରେ ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରିଥିଲେ, ପଡ଼ିଆରେ ଅପରେସନ ସିନ୍ଦୂର । ଫଳାଫଳ ସମାନ... ଭାରତ ଜିତିଛି । ଆମ କ୍ରିକେଟରମାନଙ୍କୁ ଅଭିନନ୍ଦନ ।

## ଏସିଆ କପ୍‌ରେ ଟ୍ରଫି ବିବାଦ

# ପ୍ରଥମ ଥର ବିନା ଟ୍ରଫିରେ ସେଲିବ୍ରେସନ କଲା ସୂର୍ଯ୍ୟ ସେନା

**ଦୁବାଇ**

ଏସିଆ କପ୍‌ର ଚଳିତ ସଂସ୍କରଣ ବାଦ ବିବାଦ ମଧ୍ୟରେ ଶେଷ ହୋଇଛି । ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ ୱିକେଟ୍‌ରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଭାରତ ନବମ ଥର ଏସିଆ କପ୍ ଚାମ୍ପିଅନ୍ ହୋଇଛି । ପୂର୍ବରୁ ଭାରତ ୧୯୮୪, ୧୯୮୮, ୧୯୯୦-୯୧, ୧୯୯୫, ୨୦୧୦, ୨୦୧୬, ୨୦୧୮ ଓ ୨୦୨୩ରେ ଚାମ୍ପିଅନ ହୋଇଥିଲା ।

ଭାରତ ଚାମ୍ପିଅନ ହେବା ପରେ ପୁରସ୍କାର ବିତରଣ ଉତ୍ସବ ବେଶ୍ ବିଳମ୍ବରେ ଆରମ୍ଭ ହୋଇଥିଲା । ଏସିଆନ କ୍ରିକେଟ୍ କାଉନସିଲ (ଏସିସି)ର ଅଧ୍ୟକ୍ଷ ତଥା ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ମୁଖ୍ୟ ମୋହସିନ ନକ୍‌ଭି ଚାମ୍ପିଅନ ଟ୍ରଫି ପ୍ରଦାନ କରିବା କଥା । କିନ୍ତୁ ଭାରତୀୟ ଦଳ ତାଙ୍କଠୁ ଟ୍ରଫି ନେବାକୁ ମନା କରିଥିଲେ । ଯେଉଁଥିପାଇଁ ପୁରସ୍କାର ବିତରଣ ଉତ୍ସବ ବିଳମ୍ବରେ ଆରମ୍ଭ ହୋଇଥିଲା । ଖେଳାଳିମାନେ ବ୍ୟକ୍ତିଗତ ପୁରସ୍କାର ଗ୍ରହଣ କରିଥିଲେ । କିନ୍ତୁ ଟ୍ରଫି ପ୍ରଦାନ ବେଳକୁ ପୁରସ୍କାର କାର୍ଯ୍ୟକ୍ରମ ପରିଚାଳନା କରୁଥିବା ସାଇମନ ଡୋଲ ଘୋଷଣା କରିଥିଲେ, 'ଏସିସି ପକ୍ଷରୁ ମୋତେ ଅବଗତ କରାଯାଇଛି ଯେ ଭାରତ ବିଜୟ ଟ୍ରଫି ଗ୍ରହଣ କରିବ ନାହିଁ ।' ହୁଏତ ପ୍ରଥମ ଥର ଏସିଆ କପ୍‌ରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା । ଯେଉଁଥିପାଇଁ ଏସୀୟ କ୍ରିକେଟ୍ ପରିଷଦ ତଥା ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ମୋହସିନ୍ ନକ୍‌ଭି, ୟୁଏଇ ରାଜପରିବାରର ସଦସ୍ୟ ବହୁତ ସମୟ ଠିଆ ହୋଇଥିଲେ । ଶେଷରେ ଟିମ୍ ଇଣ୍ଡିଆ ନକ୍‌ଭିଙ୍କ ହାତରୁ ଟ୍ରଫି ନେବାକୁ ମନା କରିଦେଇଥିଲା । ପୋଡ଼ିୟମ ନିକଟ ପ୍ରାୟ ଦେଢ଼ଘଣ୍ଟା ଡ୍ରାମା ଦେଖିବାକୁ ମିଳିଥିଲା । ପରେ ପ୍ରଥମ ଥର ବିନା ଟ୍ରଫିରେ ସେଲିବ୍ରେସନ କରିଥିଲେ ସୂର୍ଯ୍ୟ ସେନା । ଲିଗ୍ ମ୍ୟାଚ୍‌ରୁ ଫାଇନାଲ ପର୍ଯ୍ୟନ୍ତ 'ନୋ ହ୍ୟାଣ୍ଡସେକ' ବିବାଦ ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିଲା । ରିପୋର୍ଟ ଅନୁଯାୟୀ ଆରବ ଏମିରେଟ୍ସ କ୍ରିକେଟ୍ ବୋର୍ଡ ଉପାଧ୍ୟକ୍ଷ ଖାଲିଦ ଅଲ୍ ଜାହୁରି ଟିମ୍ ଇଣ୍ଡିଆକୁ ଏସିଆ କପ୍ ଟ୍ରଫି ପ୍ରଦାନ କରିପାରନ୍ତି ।



## ବାଂଲାଦେଶ-ଆଫଗାନିସ୍ତାନ ଟି-ଟ୍ୱେଣ୍ଟି ସିରିଜ : ଆହତ କାରଣରୁ ଲିଟନ ବାଦ୍, ଫେରିଲେ ଅଲରାଉଣ୍ଡର ସୌମ୍ୟ

**ଢାକା**

ଆସନ୍ତା ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ ପାଇଁ ବାଂଲାଦେଶ ଦଳ ଘୋଷଣା ହୋଇଛି । ଆହତ ଥିବା ନିୟମିତ ଅଧିନାୟକ ଲିଟନ ଦାସ ଦଳରୁ ବାଦ୍ ପଡ଼ିଛନ୍ତି । ଫଳରେ ଜାକର ଅଲିଙ୍କୁ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି । ଏସିଆ କପ୍ ଟି-ଟ୍ୱେଣ୍ଟିରେ ଲିଟନ ଆହତ ହୋଇଥିଲେ । ସେ ଦଳର ଶେଷ ୨ଟି ମ୍ୟାଚ୍‌ରୁ (ଭାରତ, ପାକିସ୍ତାନ ବିପକ୍ଷ) ବାଦ୍ ପଡ଼ିଥିଲେ । ଅନ୍ୟ ପଟରେ ଭେଟେରାନ ଅଲରାଉଣ୍ଡର ସୌମ୍ୟ ସରକାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏସିଆ କପ୍ ଦଳର ସଦସ୍ୟ ଥିବା ଅନ୍ୟ ସମସ୍ତ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି । ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ୟୁଏଇ ଠାରେ ଏହି ସିରିଜ ଖେଳାଯିବ । ଆସନ୍ତା ଅକ୍ଟୋବର ୨, ୩ ଓ ୫ ତାରିଖରେ ୩ଟି ଟି-ଟ୍ୱେଣ୍ଟି ଅନୁଷ୍ଠିତ ହେବ । ଏହାପରେ ଉଭୟ ଦଳ ମଧ୍ୟରେ ୩ଟି ଦିନିକିଆ (ଅକ୍ଟୋବର ୮, ୧୧, ୧୪ତାରିଖ) ଖେଳାଯିବ ।

ବାଂଲାଦେଶ ଦଳ: ଜାକର ଅଲି (ଅଧିନାୟକ), ତନ୍‌ଜିଦ ହାସାନ, ପରଭେଜ ହୋସେନ ଇମୋନ, ସୈଫ୍ ହାସାନ, ତୋହିଦ ହୃଦୟ, ସମିମ ହୋସେନ, ନୁରୁଲ ହାସାନ, ରିଶଦ ହୋସେନ, ମେହଦି ହାସାନ, ନାସୁମ ଅହମ୍ମଦ, ଟସ୍କିନ ଅହମ୍ମଦ, ତନ୍‌ଜିମ ହାସାନ ସାକିବ, ମୁସ୍ତାଫିଜୁର ରେହମାନ, ସରିଫୁଲ ଇସଲାମ, ମହମ୍ମଦ ସୈଫୁଦ୍ଦିନ, ସୌମ୍ୟ ସରକାର ।






## ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମେଣ୍ଡିଲିପାଲିକୁ ହରାଇ ବହଲପଦର ସେମି ଫାଇନାଲରେ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ହେଉଥିବା ପ୍ରଥମ ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ମ୍ୟାଚ୍‌ରେ ମେଣ୍ଡିଲିପାଲିକୁ ହରାଇ ବହଲପଦର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମ ମ୍ୟାଚ୍‌ରେ ଡେଲିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୫ ରନ କରିଥିଲା । ଜବାବରେ ବହଲପଦର ୭.୪ ଓଭରରେ ୩ ଉଇକେଟ ହରାଇ ୯୬ ରନ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ମେଣ୍ଡିଲିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୭୯ ରନ କରିଥିବା ବେଳେ ଭଲିଆପଦର ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୫୧ ରନ କରି ପରାସ୍ତ ହୋଇଥିଲା । ତୃତୀୟ ମ୍ୟାଚ୍‌ରେ ମେଣ୍ଡିଲିପାଲି ପ୍ରଥମେ ବ୍ୟାଟିଂ କରି ୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୪୪ ରନ କରିଥିଲା । ଜବାବରେ ବହଲପଦର ଦଳ ୬.୫ ଓଭରରେ ୪ ଉଇକେଟ ହରାଇ ୪୫ ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍ ଗୁଡିକରେ ଟୁଟୁ ମହାକୁର ଓ ଆଶିଷ ମେହେର ଆମ୍ପାୟାର, କାହ୍ନୁ ପ୍ରଧାନ ସ୍କୋରିଙ୍ଗ ଏବଂ ବୁଲୁ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ ।

# ଯେବେ ପ୍ରତ୍ୟେକ ନାଗରିକ ସଫେଇ ମିତ୍ର ସାଜନ୍ତି



**ମନୋହର ଲାଲ**

କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ଏବଂ ଶକ୍ତିମନ୍ତ୍ରୀ

ମୁଁ ଏବେ ବି ୨୦୧୪ ମସିହାର ସେହି ମୁହୂର୍ତ୍ତକୁ ମନେ ରଖିଛି, ଯେତେବେଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ୁ ଧରି ଦିଲ୍ଲୀର ରାସ୍ତା ସଫା କରିଥିଲେ । ଏହା ପ୍ରତୀକାତ୍ମକତାଠାରୁ ଢେର୍ ଅଧିକ ଥିଲା - ଏହା ସ୍ମରଣୀୟ ଯେ ଏକ ସ୍ୱଚ୍ଛ ଭାରତ ମିଶନ କେବଳ ସରକାରଙ୍କ ଉପରେ ନିର୍ଭରଶୀଳ ନୁହେଁ, ବରଂ ପ୍ରତ୍ୟେକ ନାଗରିକ ଏହାକୁ ଗ୍ରହଣ କରିବା ଉଚିତ ।

ସ୍ୱଚ୍ଛ ଭାରତ ଗଠନ ଏକ ମିଳିତ ଦାୟିତ୍ୱ ଏବଂ ସ୍ୱଚ୍ଛ ଭାରତ ମିଶନର ବାସ୍ତବ ଶକ୍ତି ହେଉଛି, ଏହା କିପରି ଭାବରେ ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛି । ଏହା ପ୍ରତ୍ୟେକ ନାଗରିକଙ୍କୁ 'ସଫାଇ ମିତ୍ର'ରେ ରୂପାନ୍ତରିତ କରିଛି – ବିଦ୍ୟାଳୟ ଛାତ୍ରୀରୁ ଗୃହିଣୀ, ବ୍ୟବସାୟୀ ଠାରୁ କ୍ଷେତ ଏବଂ କାରଖାନାର ଶ୍ରମିକମାନଙ୍କ ପର୍ଯ୍ୟନ୍ତ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଆହ୍ୱାନରେ ଦେଶର ଲକ୍ଷ ଲକ୍ଷ ଲୋକ ଝାଡ଼ୁ ଉଠାଇଥିଲେ, ସରକାରୀ କାର୍ଯ୍ୟକ୍ରମରୁ ସ୍ୱଚ୍ଛତାକୁ ମର୍ଯ୍ୟାଦା, ସ୍ୱାସ୍ଥ୍ୟ ଏବଂ ଗର୍ବର ବ୍ୟକ୍ତିଗତ ସଂକଳ୍ପରେ ପରିଣତ କରିଥିଲେ ।

ସେହି ଏକକ ଦୃଷ୍ଟିକୋଣ ଏକ ସତ୍ୟ ଜନ ଆନ୍ଦୋଳନର ସୂତ୍ରପାତ ଘଟାଇଥିଲା, ଯେଉଁଠାରେ ସ୍ୱଚ୍ଛତା ସମ୍ମାନ ଏବଂ ଗୌରବର ପ୍ରସଙ୍ଗ ପାଲଟିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ 'ନା ଗନ୍ଦଗୀ କରେଙ୍ଗେ, ନା କରନେ ଦେଙ୍ଗେ' ଏବଂ 'ସ୍ୱଚ୍ଛତା ହିଁ ସେବା' ଆହ୍ୱାନ ସାରା ଦେଶର ନାଗରିକମାନଙ୍କୁ ଏହି ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହ ଯୋଗାଇଥିଲା । କେନ୍ଦ୍ର ସରକାରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ମିଶନ୍ ଯଥା ଶୀଘ୍ର ଦେଶବ୍ୟାପୀ ପ୍ରତ୍ୟେକ ସଡ଼କ, ପ୍ରତ୍ୟେକ ପଡ଼ୋଶୀ ଏବଂ ପ୍ରତ୍ୟେକ ଘରର ଗର୍ବରେ ପରିଣତ ହେଲା, ଯାହା ଆଚରଣଗତ ପରିବର୍ତ୍ତନର ଏକ ଅସାଧାରଣ ଲହରୀ ଦ୍ୱାରା ପରିଚାଳିତ ହୋଇଥିଲା ।

୨୦୧୪ ମସିହାରେ, ୪୦ ପ୍ରତିଶତରୁ କମ୍ ପରିବାରଙ୍କ ନିକଟରେ ବ୍ୟକ୍ତିଗତ ଶୌଚାଳୟ ଥିଲା । ଆଜି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱ ଏବଂ ଲୋକଙ୍କ ଅଂଶଗ୍ରହଣ ପାଇଁ ଧନ୍ୟବାଦ, ୧୨ କୋଟିରୁ ଅଧିକ ପରିବାର ପରିମଳ ସୁବିଧା ପାଇପାରିଛନ୍ତି । ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ, ଭାରତକୁ ମୁକ୍ତାକାଶ ମଳତ୍ୟାଗ ମୁକ୍ତ ବୋଲି ଘୋଷଣା କରାଯାଇଛି । 'ହର ଘର ଶୌଚାଳୟ' ସ୍ଲୋଗାନ ଆଉ କେବଳ ଏକ ପ୍ରତିଶ୍ରୁତି ନୁହେଁ, ଏହା ଏକ ବାସ୍ତବତା, ଯାହା ଲକ୍ଷ ଲକ୍ଷ ମହିଳା ଏବଂ ଶିଶୁଙ୍କ ପାଇଁ ସୁରକ୍ଷା ଏବଂ ମର୍ଯ୍ୟାଦା ଆଣି ପହଞ୍ଚାଇଛି । ଏଥି ସହିତ ଉନ୍ନତ ସ୍ୱାସ୍ଥ୍ୟ ମଧ୍ୟ ଆଣିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ ଖୋଲା ପଡ଼ିଆରେ ମଳତ୍ୟାଗ ସହିତ ଜଡିତ ରୋଗ ହ୍ରାସ ଯୋଗୁଁ ପ୍ରାୟ ୩ ଲକ୍ଷ ଶିଶୁଙ୍କ ଜୀବନ ରକ୍ଷା କରାଯାଇ ପାରିଛି । ମିଶନ୍ ଏବେ ଓ.ଡି.ଏଫ. (ଓପନ ଡେଫିକେସନ୍ ଫ୍ରି) ସ୍ଥିତି ବଜାୟ ରଖିବା ଏବଂ ବ୍ୟାପକ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଜ୍ୟବସ୍ତୁର ବୈଜ୍ଞାନିକ ପ୍ରକ୍ରିୟାକରଣ ପ୍ରଚଳନ କରିବାକୁ ଆଗେଇ ଆସିଛି । ସ୍ୱଚ୍ଛ ଭାରତ ମିଶନ: ସହରାଞ୍ଚଳ ୨.୦ ପାଇଁ ଦୃଷ୍ଟିକୋଣ ହେଉଛି, ନାଗରିକମାନଙ୍କ ମଧ୍ୟରେ 'ସ୍ୱଚ୍ଛ' ଆଚରଣକୁ ସଂସ୍ଥାଗତ ଏବଂ ପ୍ରୋତ୍ସାହିତ କରି 'ଆବର୍ଜନା ମୁକ୍ତ' ସ୍ଥିତି ହାସଲ କରିବା ।

ସ୍ୱଚ୍ଛ ଭାରତ ମିଶନକୁ ଶୌଚାଳୟ ଏବଂ ରାସ୍ତାଠାରୁ ବହୁତ ଦୂରରେ ନେଇଯିବା ହେଉଛି ପ୍ରଧାମନ୍ତ୍ରୀ ମୋଦିଙ୍କ ପ୍ରତିଭା । ଏହା ଗର୍ବ, ସଂସ୍କୃତି ଏବଂ ଦେଶର ଆତ୍ମା ସହିତ ଜଡ଼ିତ । ବିଦ୍ୟାଳୟରେ ଝିଅ ଏବଂ ପୁଅମାନଙ୍କ ପାଇଁ ପୃଥକ ଶୌଚାଳୟ ଯୋଗାଇ ଦେଉଥିବା ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନଠାରୁ ଆରମ୍ଭ କରି ମହାତ୍ମା ଗାନ୍ଧୀଙ୍କ ପ୍ରତି ଏକ ଜୀବନ୍ତ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଜାତୀୟ ପରିମଳ କେନ୍ଦ୍ର ପର୍ଯ୍ୟନ୍ତ, ପ୍ରତ୍ୟେକ ପଦକ୍ଷେପ ନାଗରିକମାନଙ୍କୁ ସ୍ୱଚ୍ଛତାକୁ ସେମାନଙ୍କ ଦେଶର ଆତ୍ମସମ୍ମାନ ଏବଂ ମର୍ଯ୍ୟାଦାର ପ୍ରତୀକ ଭାବରେ ଦେଖିବାକୁ ପ୍ରେରଣା ଦେଇଛି । ପ୍ଲାଷ୍ଟିକ୍ ମୁକ୍ତ ହେଲେ ପର୍ବଗୁଡ଼ିକ ଅଧିକ ଜୀବନ୍ତ ହୋଇଯାଏ, ଆବର୍ଜନା ମୁକ୍ତ ହେଲେ ଉତ୍ସବଗୁଡ଼ିକ ଅଧିକ ଆନନ୍ଦଦାୟକ ହୋଇଯାଏ, ଏବଂ ପ୍ରତ୍ୟେକ ନାଗରିକ ବୁଝନ୍ତି ଯେ ସେମାନଙ୍କର ଏହିସବୁ ଛୋଟ ଛୋଟ କାର୍ଯ୍ୟ ଏକ ବୃହତ୍ତର ଜାତୀୟ କାର୍ଯ୍ୟରେ ଗୌରବର ସହିତ ଯୋଗଦାନ କରେ ।

ଆମେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କଳ୍ପନା କରାଯାଇଥିବା ସ୍ୱଚ୍ଛ ଭାରତ ମିଶନର ଏକ ଉଲ୍ଲେଖନୀୟ ଯାତ୍ରା ଦେଖିଛୁ – ଲକ୍ଷ ଲକ୍ଷ ଶୌଚାଳୟ ନିର୍ମାଣ, ଗ୍ରାମ ଏବଂ ସହରକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତାକାଶ ଶୌଚମୁକ୍ତ ଘୋଷଣା ଏବଂ ନାଗରିକମାନେ ସ୍ୱଚ୍ଛତାକୁ ଏକ ମିଳିତ ଦାୟିତ୍ୱ ଭାବରେ ଗ୍ରହଣ କରିବା । ମୋର ଦୃଢ଼ ବିଶ୍ୱାସ ଯେ, ଏବେ ଏହି ସାମୂହିକ ଚେତନାକୁ ଦୈନନ୍ଦିନ ଶୃଙ୍ଖଳାରେ ପରିଣତ କରିବାକୁ ପ୍ରୟାସ କରାଯିବା ଉଚିତ । ସ୍ୱଚ୍ଛତାକୁ କେବଳ ଏକ ଅଭ୍ୟାସ ନୁହେଁ ବରଂ ଜୀବନର ଏକ ଉପାୟ ରୂପେ ଗ୍ରହଣ କରିବା ଏବଂ ନିଶ୍ଚିତ କରିବା ଯେ ବିଗତ ଦଶନ୍ଧିର ଲାଭ ଆଗାମୀ ପିଢ଼ି ନିମନ୍ତେ ଏକ ସ୍ୱଚ୍ଛ, ସୁସ୍ଥ ଏବଂ ଅଧିକ ମର୍ଯ୍ୟାଦାପୂର୍ଣ୍ଣ ଭାରତର ମୂଳଦୁଆ ଗଠନ କରିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମିଶନର ଏହି ପର୍ଯ୍ୟାୟ ସ୍ଥାନୀୟ ସଂସ୍ଥାଗୁଡ଼ିକର କ୍ଷମତା ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଯାହା କେବଳ ସ୍ପଷ୍ଟ ଭାବରେ ପରିଷ୍କାର ଦେଖାଯିବା ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ପୁରୁଣା ଡମ୍ପସାଇଟ ଗୁଡ଼ିକର ଆବର୍ଜନା ପ୍ରକ୍ରିୟାକରଣ ଏବଂ ପ୍ରତିକାର ସମସ୍ୟାର ସମାଧାନ କରିବା ନିମନ୍ତେ ମଧ୍ୟ ଗୁରୁତ୍ୱାରୋପ କରୁଛି । ସର୍ବବୃହତ୍ ସ୍ୱଚ୍ଛତା ସର୍ଭେ, ସ୍ୱଚ୍ଛ ସର୍ବେକ୍ଷଣ ମଧ୍ୟ, ବର୍ତ୍ତମାନ ଘର ଘର ବୁଲି ଆବର୍ଜନା ସଂଗ୍ରହ, ତାହାର ପରିଚାଳନା ଏବଂ ଆବର୍ଜନାର ପ୍ରକ୍ରିୟାକରଣର ପାରାମିଟର ଉପରେ ସହର ସ୍ୱଚ୍ଛତା ଆକଳନ କରୁଛି ।

ଏହି ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିବା ସହିତ, ଆମେ ଗତ ବର୍ଷର ଏସ.ଏଚ.ଏସ. ସପ୍ତାହ (ଏସ.ଏଚ.ଏସ.-୨୪) 'ସ୍ୱଭାବ ସ୍ୱଚ୍ଛତା - ସଂସ୍କାର ସ୍ୱଚ୍ଛତା' ବିଷୟବସ୍ତୁ ଅଧୀନରେ ପାଳନ କରିଥିଲୁ, ଯାହା ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ - ଭିତ୍ତିଭୂମିରୁ ପ୍ରବୃତ୍ତି, ଅନୁପାଳନରୁ ସଂସ୍କୃତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଆମେ ସ୍ୱଚ୍ଛତାକୁ ଏକ ବାଧ୍ୟବାଧକତା ଭାବରେ ନୁହେଁ, ବରଂ ଆମର ଚରିତ୍ର ଏବଂ ମୂଲ୍ୟବୋଧର ପ୍ରତିଫଳନ ଭାବରେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛୁ । ପ୍ରତ୍ୟେକ ନାଗରିକଙ୍କୁ ଏହାକୁ ଏକ ଦୈନନ୍ଦିନ ଅଭ୍ୟାସ ଏବଂ ନୈତିକ ଦାୟିତ୍ୱ ଭାବରେ ଆନ୍ତରିକ ସହଯୋଗ କରିବାକୁ ହେବ । ଆମର ସ୍ୱଭାବ (ପ୍ରକୃତି) ଏବଂ ସଂସ୍କାର (ନୀତି)ରେ ସ୍ୱଚ୍ଛତାକୁ ସାମିଲ କରି, ଆମେ କେବଳ ରାସ୍ତା ସଫେଇ କରୁନାହୁଁ - ଆମେ ଏକ ଅଧିକ ମର୍ଯ୍ୟାଦାପୂର୍ଣ୍ଣ, ସୁସ୍ଥ ଏବଂ ଏକତାଯୁକ୍ତ ଭାରତ ଗଠନ କରୁଛୁ । ପ୍ରକୃତ ପରିବର୍ତ୍ତନ ସେତେବେଳେ ଆସିବ ଯେତେବେଳେ ସ୍ୱଚ୍ଛତା ଦ୍ୱିତୀୟ ପ୍ରକୃତି ହୋଇଯିବ, ପିଢ଼ି ପର ପିଢ଼ି ଏକ ଚିରସ୍ୱୀକୃତ ଐତିହ୍ୟ ଭାବରେ ଚାଲିଆସିବ ।

ପାର୍ବଣ ଋତୁ ଆରମ୍ଭ ହେବା ସହିତ, ମାନ୍ୟବର ପ୍ରଧାନମନ୍ତ୍ରୀ ଆମକୁ ସ୍ମରଣ କରାଇ ଦେଇଛନ୍ତି ଯେ ଉତ୍ସବଗୁଡ଼ିକ ସ୍ୱଚ୍ଛ ଏବଂ ପରିବେଶ ଅନୁକୂଳ ହେଲେ ସବୁଠାରୁ ଅର୍ଥପୂର୍ଣ୍ଣ ଓ ଉପଭୋଗ୍ୟ ହୋଇଥାଏ । ସେ କହିଛନ୍ତି ଯେ, ପର୍ବଗୁଡ଼ିକ ଆନନ୍ଦର ସ୍ମୃତି ଛାଡିଯିବା ଉଚିତ, ଅଳିଆର ସ୍ତୂପ ନୁହେଁ । ଏହି ଭାବନାରେ, ସ୍ୱଚ୍ଛତା ହିଁ ସେବା (ଏସ.ଏଚ.ଏସ.), ୧୭ ସେପ୍ଟେମ୍ବର ଠାରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ 'ସ୍ୱଚ୍ଛୋତ୍ସବ' ବିଷୟବସ୍ତୁ ଅଧୀନରେ ପାଳନ କରାଯାଉଛି, ଯାହାର ସ୍ଥାୟିତ୍ୱ ଉପରେ ଧ୍ୟାନ ଦେଇ – ପ୍ଲାଷ୍ଟିକମୁକ୍ତ ଗ୍ରାମ, ଶୂନ୍ୟ ଅପଚୟ ମହୋତ୍ସବ ଏବଂ ଉତ୍ସରୁ ଅଳିଆ ପୃଥକୀକରଣକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନ ସୁନିଶ୍ଚିତ କରେ ଯେ ସ୍ୱଚ୍ଛତା ଗୋଟିଏ ଦିନର ପ୍ରୟାସ ନୁହେଁ ବରଂ ଭବିଷ୍ୟତ ପିଢ଼ି ପ୍ରତି ଏକ ନିରନ୍ତର ଦାୟିତ୍ୱ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ସ୍ୱତନ୍ତ୍ର ଆହ୍ୱାନରେ, ସ୍ୱଚ୍ଛତା ହିଁ ସେବା (ଏସ.ଏଚ.ଏସ.), ୨୫ ସେପ୍ଟେମ୍ବର ୨୦୨୫ ଦିନ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମବାର୍ଷିକୀରେ ପୁଣି ଥରେ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ୍' ପାଳନ କରାଯାଇଥିଲା । ଏହି ଦିନ ଦେଶର କୋଟି କୋଟି ଭାରତୀୟ ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ ପାଇଁ ଗୋଟିଏ ଘଣ୍ଟା ଉତ୍ସର୍ଗ କରିଥିଲେ । ପ୍ରଧାନମନ୍ତ୍ରୀ ପୁଣି ଥରେ କହିଥିଲେ ଯେ ସ୍ୱଚ୍ଛତା ସମସ୍ତଙ୍କର ଦାୟିତ୍ୱ । ଗତ ବର୍ଷ ହିଁ, ସହର ଏବଂ ଗ୍ରାମାଞ୍ଚଳର ୮ ଲକ୍ଷରୁ ଅଧିକ ଅବହେଳିତ ସ୍ଥାନକୁ ଚଳଚଞ୍ଚଳ ସାର୍ବଜନୀନ ସ୍ଥାନରେ ପରିଣତ କରାଯାଇଥିଲା – ଏହା ପ୍ରମାଣିତ କରୁଛି ଯେ ସାମୂହିକ ପ୍ରୟାସ ସ୍ୱଚ୍ଛତାକୁ ଦୃଶ୍ୟମାନ, ମୂର୍ତ୍ତ ଏବଂ ବାସ୍ତବ ପକ୍ଷେ ଜୀବନ ପରିବର୍ତ୍ତନକାରୀ କରିପାରେ ।


ଏହି ମିଶନର ମହାନତା କେବଳ ଏହାର ସଫଳତାରେ ନୁହେଁ ବରଂ ଏହାର ଆତ୍ମାରେ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନାଗରିକମାନଙ୍କୁ କେବଳ ସେମାନଙ୍କ ନିଜ ଘର ସଫାସୁତୁରା ରଖିବାକୁ କହି ନଥିଲେ, ସେ ସେମାନଙ୍କୁ ସେମାନଙ୍କ ଘର ନିକଟବର୍ତ୍ତୀ ସଡ଼କ, ପାର୍କ, ନଦୀ ନାଳ ସଫା କରି ରାଷ୍ଟ୍ରର ମାଲିକାନା ନେବାକୁ ଆହ୍ୱାନ ଜଣାଇଥିଲେ । ସେ ଜଣେ ଦୂରଦ୍ରଷ୍ଟା ନେତା ଭାବରେ କଥା ହୋଇ ନଥିଲେ ବରଂ ଆମମାନଙ୍କ ମଧ୍ୟରୁ ଜଣେ ଭାବରେ କହିଥିଲେ । ସେ ଗୋଟିଏ ଝାଡ଼ୁ, ଗୋଟିଏ କାର୍ଯ୍ୟ, ଗୋଟିଏ ଘଣ୍ଟା ପାଇଁ ଆହ୍ୱାନ ଜଣାଇଥିଲେ; କାରଣ ସେ ନିଜ ହୃଦୟରୁ ଏହି କଥା କହିଥିଲେ, ଲୋକମାନେ ସେମାନଙ୍କର ପ୍ରତିକ୍ରିୟା ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ସ୍ୱଚ୍ଛ ଭାରତ ମିଶନର ସ୍ଥପତି ନୁହଁନ୍ତି, ବରଂ ସେ ଏହାର ଜୀବନ୍ତ ଆତ୍ମା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସେ ପ୍ରତ୍ୟେକ ଘରେ ସ୍ୱଚ୍ଛତାର ପ୍ରଦୀପ ଜାଳିଥିବା ଜଣେ ଅନନ୍ୟ ପ୍ରବର୍ତ୍ତକ । ସେ ସେହି ମାଳି ଯିଏ ମର୍ଯ୍ୟାଦାର ବୀଜ ବୁଣିଥିଲେ ଏବଂ ଲୋକଙ୍କ ଅଂଶଗ୍ରହଣ ପାଇଁ ସେଥିରେ ପାଣି ଢାଳିବା ନିମନ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ସେ ହେଉଛନ୍ତି ସେହି ପ୍ରହରୀ ଯିଏ ଆମକୁ ସ୍ମରଣ କରାଇ ଦିଅନ୍ତି ଯେ ସ୍ୱଚ୍ଛତା ଅନ୍ୟ କାହାର କର୍ତ୍ତବ୍ୟ ନୁହେଁ ବରଂ ଆମ ପ୍ରତ୍ୟେକଙ୍କ ଅଧିକାର ଏବଂ ପରମ ଦାୟିତ୍ୱ ।

ପ୍ରତ୍ୟେକ ସଫେଇ ଝାଡ଼ୁ, ପ୍ରତ୍ୟେକ ସ୍ୱଚ୍ଛ କୋଣ, ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଆଯାଇଥିବା ପ୍ରତ୍ୟେକ ପ୍ଲାଷ୍ଟିକ୍ ବ୍ୟାଗ କେବଳ ପରିମଳର ପ୍ରସଙ୍ଗ ନୁହେଁ, ଏହା ମର୍ଯ୍ୟାଦା, ଗର୍ବ ଏବଂ ଆମ ପିଲାମାନଙ୍କ ଭବିଷ୍ୟତ ନିମନ୍ତେ ଆମେ ଛାଡିବାକୁ ଚାହୁଁଥିବା ଭାରତର ପ୍ରସଙ୍ଗ । ଯେପରି ମୋଦଜୀ କୁହନ୍ତି, 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ', 'ସବକା ସାଥ, ସ୍ୱଚ୍ଛତା କା ବିକାଶ' ବିନା ଅଧୁରା । ସ୍ୱଚ୍ଛତା ଅନ୍ୟ କାହାର କାମ ନୁହେଁ; ଏହା ଆମ ସମସ୍ତଙ୍କର ଦାୟିତ୍ୱ ।

ତେଣୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ଯେ, ସ୍ୱଚ୍ଛତାକୁ ଗୋଟିଏ ଦିନ କିମ୍ବା ପକ୍ଷଖ୍ୱାଡ଼ା ମଧ୍ୟରେ ସୀମିତ ନ ରଖି, ବରଂ ବର୍ଷସାରା ଏହି ଭାବନାକୁ ବହନ କରିବାକୁ ହେବ । ସ୍ୱଚ୍ଛତା ଏକ ଘଟଣା ନୁହେଁ - ଏହା ଜୀବନର ଏକ ଉପାୟ । ଆମ ପ୍ରତ୍ୟେକଙ୍କୁ ଆମର ଘର, ପଡ଼ୋଶୀ ଏବଂ ଗୋଷ୍ଠୀରେ ଦାୟିତ୍ୱ ନେବାକୁ ହେବ ଏବଂ ପ୍ରତ୍ୟେକ ଦିନ ଏହାକୁ ଅଭ୍ୟାସ କରିବାକୁ ପଡ଼ିବ । ଆସନ୍ତୁ ସ୍ୱଚ୍ଛତାକୁ ଏକ ଦୈନନ୍ଦିନ ଶୃଙ୍ଖଳା ଭାବରେ ଗ୍ରହଣ କରିବା ଏବଂ 'ହର ଦିନ, ଏକ ଘଣ୍ଟା, ଏକ ସାଥ୍' - ପ୍ରତ୍ୟେକ ଦିନ ଏକ ଘଣ୍ଟାର ସାମୂହିକ ପ୍ରୟାସର ସଂକଳ୍ପ ପ୍ରତି ନିଜକୁ ପ୍ରତିବଦ୍ଧ କରିବା । ଯେତେବେଳେ ପ୍ରତ୍ୟେକ ନାଗରିକ ଅଳ୍ପ କିଛି ଯୋଗଦାନ ଦିଅନ୍ତି, ଆମର ଦେଶ ଅଧିକ ଉଜ୍ଜ୍ୱଳ ହୁଏ - ସ୍ୱଚ୍ଛ, କର୍ମଚଞ୍ଚଳ ଏବଂ ଗର୍ବିତ - ମହାତ୍ମା ଗାନ୍ଧୀଙ୍କ ଦ୍ୱାରା କଳ୍ପନା କରାଯାଇ ଥିବା ସ୍ୱଚ୍ଛ ଭାରତ ସ୍ୱପ୍ନକୁ ସାକାର କରି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଜୀବନ୍ତ ଏବଂ ପ୍ରତ୍ୟେକ ଭାରତୀୟଙ୍କ ଦ୍ୱାରା ଆଦୃତ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆମକୁ ପଥ ପ୍ରଦର୍ଶନ କରିଛନ୍ତି । ଏବେ ଆମକୁ ଏକ ରାଷ୍ଟ୍ର, ଏକ ଗୋଷ୍ଠୀ, ଏକ ମିଶନ ଭାବରେ ଏକାଠି ଚାଲିବାକୁ ପଡ଼ିବ: ଏକ ସ୍ୱଚ୍ଛ ଭାରତ ଯେଉଁଠାରେ ପ୍ରତ୍ୟେକ ନାଗରିକ ଜଣେ ସ୍ୱଚ୍ଛତା କର୍ମୀ ହେବେ ଏବଂ ପ୍ରତ୍ୟେକ ସ୍ୱଚ୍ଛତା କାର୍ଯ୍ୟ ଆମ ଭବିଷ୍ୟତ ପାଇଁ ଏକ ଉପହାର ।











# ବାରିପଦାର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ଦୁର୍ଗତୀନାଶିନୀ ମା' ସିଂହବାହିନୀ

# ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ : ରେଳ ମନ୍ତ୍ରୀ

**ନୂଆଦିଲ୍ଲୀ:** ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ, ଯାହା ମୁମ୍ବାଇ ଏବଂ ଅହମଦାବାଦ ମଧ୍ୟରେ ଚାଲିବ, ୨୦୨୯ ସୁଦ୍ଧା ପୂର୍ଣ୍ଣ ଗତିରେ କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ସେହିଭଳି ଗୁଜୁରାଟର ମାତ୍ର ୫୦ କିମି ଲମ୍ବ ସୁରଟ ଓ ବିଲିମୋରା ରୁଟରେ ଏହି ଅତ୍ୟାଧୁନିକ ହାଇ-ସ୍ପିଡ୍ ରେଳ ୨୦୨୭ ସୁଦ୍ଧା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ତେବେ ଏହି ପ୍ରକଳ୍ପ ଭାରତର ରେଳ ଯୋଗାଯୋଗ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିବ। ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ତଥ୍ୟ ଅନୁଯାୟୀ, ମୁମ୍ବାଇ-ଅହମଦାବାଦ ହାଇ-ସ୍ପିଡ୍ ରେଳ କରିଡର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହି ରୁଟ୍ ୫୦୮ କିଲୋମିଟର ଦୈର୍ଘ୍ୟରେ ବିସ୍ତାରିତ ହେବ ଏବଂ ଏହା ଦୁଇ ସହର ମଧ୍ୟରେ ଯାତ୍ରା ସମୟକୁ ନାଟକୀୟ ଭାବେ ହ୍ରାସ କରିବ। ଏହି ରେଳ ଯାତ୍ରା ଆରମ୍ଭ ହେଲେ ମୁମ୍ବାଇ-ଅହମଦାବାଦ ମଧ୍ୟରେ ମାତ୍ର ୨ ଘଣ୍ଟାରେ ଯାତ୍ରା ସମ୍ପୂର୍ଣ୍ଣ ହେବ। ନିର୍ମାଣାଧୀନ ସୁରଟ ଷ୍ଟେସନ ଯାଞ୍ଚ କରିବା ସହ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ "ଭାରତର ପ୍ରଥମ ବୁଲେଟ ରେଳ ପ୍ରକଳ୍ପର କାମ ଜୋରସୋରରେ ଆଗେଇ ଚାଲିଛି। ସୁରଟ ଓ ବିଲିମୋରା ମଧ୍ୟରେ ଚାଲିବାକୁ ଥିବା ପ୍ରଥମ ୫୦ କିମି ଆସନ୍ତା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ଥାନେ-ଅହମଦାବାଦ ୨୦୨୮ ସୁଦ୍ଧା ଓ ସମ୍ପୂର୍ଣ୍ଣ ମୁମ୍ବାଇ-ଅହମଦାବାଦ ସେକ୍ସନ ୨୦୨୯ ସୁଦ୍ଧା କାର୍ଯ୍ୟକ୍ଷମ ହେବ।" ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଟ୍ରେନ୍ ମେନ ଲାଇନରେ ଘଣ୍ଟାପ୍ରତି ୩୨୦ କିମି ବେଗରେ ଯାତ୍ରା କରିପାରିବା ବେଳେ ଲୁପ ଲାଇନରେ ୮୦ କିମି ବେଗରେ ଯାତ୍ରା କରିପାରିବ। ଆପଣଙ୍କୁ ଜମାଇରଖୁ ଯେ, ଏହି ପ୍ରକଳ୍ପ ଜାପାନର ଶିଙ୍କାନସେନ ବୁଲେଟ୍ ଟ୍ରେନ୍ ପ୍ରଯୁକ୍ତି ଉପରେ ଆଧାରିତ ଏବଂ ଜାପାନ ଇଣ୍ଟରନ୍ୟାସନାଲ କୋଅପରେସନ ଏଜେନ୍ସି (ଜାଇକା) ଦ୍ୱାରା ଏହାର ବିକାଶ କରାଯାଉଛି। ଏହା ସହିତ, ପ୍ରକଳ୍ପଟି ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା, ପରିବେଶ ଅନୁକୂଳ ପ୍ରଯୁକ୍ତି ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଆଧୁନିକ ସୁବିଧା ପ୍ରଦାନ କରିବ। ବୈଷ୍ଣବ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରକଳ୍ପ କେବଳ ଯୋଗାଯୋଗକୁ ଉନ୍ନତ କରିବ ନାହିଁ ବରଂ ଅର୍ଥନୀତିକୁ ମଜବୁତ କରିବ ଏବଂ ଅଞ୍ଚଳରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ବୁଲେଟ୍ ଟ୍ରେନ୍ ଭାରତର ରେଳ ଇତିହାସରେ ଏକ ନୂଆ ଅଧ୍ୟାୟ ରଚନା କରିବ ବୋଲି ଆଶା ପ୍ରକଟ କରିଛନ୍ତି।

# ମହାଗୌରୀ ବେଶରେ ଦର୍ଶନ ଦେଉଛନ୍ତି ମା' ସୁରେଶ୍ୱରୀ ଓ ଭଗବତୀ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ** ନବରାତ୍ରର ଅଷ୍ଟମ ଦିନରେ ସୋନପୁରର ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କ ପୀଠରେ ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥା ବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ସୋମବାର ମହଗୌରୀ ବେଶରେ ମା'ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ଅଷ୍ଟମ ଦିବସରେ ସୂର୍ଯ୍ୟ ପୂଜା, ଗୋ' ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବା ଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି । ସେହିପରି ସହରର ସର୍ବ ପୁରାତନ ମା'ଭଗବତୀଙ୍କ ପୀଠରେ



ମଧ୍ୟ ମହଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା'ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ମହଗୌରୀ ବେଶରେ ଦର୍ଶନ ଦେଉଛନ୍ତି ମା' ଦୁର୍ଗା। 'ମହାଗୌରୀ' ମା' ଦୁର୍ଗାଙ୍କର ଅଷ୍ଟମ ଶକ୍ତି । ଶରୀରର ବର୍ଣ୍ଣ ଗୌର ହେତୁ ତାଙ୍କର ନାମ 'ମହାଗୌରୀ' । ଶଙ୍ଖ, ଚନ୍ଦ୍ର ଓ କୁନ୍ଦପୁଷ୍ପ ସହିତ ତାଙ୍କର ଶରୀରର ବର୍ଣ୍ଣର ତୁଳନା କରାଯାଏ । ଶାସ୍ତ୍ରୋକ୍ତି ଅଛି 'ଅଷ୍ଟବର୍ଷା ଭବେଦ୍ ଗୌରୀ" ଅର୍ଥାତ୍-ତାଙ୍କୁ ଆଠବର୍ଷ ବୟସ ବୋଲି ମନେକରାଯାଏ। ଦେବୀ ଶ୍ୱେତବସନା ଏବଂ ଶ୍ୱେତବୃଷଭ ବାହନା । ଚତୁର୍ଭୁଜା ଏହି ଦେବୀଙ୍କର ଦକ୍ଷିଣ ଦୁଇ ଭୁଜରେ ଅଭୟ ମୁଦ୍ରା ଓ ତ୍ରିଶୂଳ ଏବଂ ବାମ ଦୁଇ ଭୁଜରେ ବରଦ ମୁଦ୍ରା ଓ ଡମ୍ବରୁ ଶୋଭାପାଏ । ଭାବଭଙ୍ଗୀରେ ଏହି ଦେବୀ ଶାନ୍ତ । 'ମହାଗୌରୀ' ନବରାତ୍ରିର ଅଷ୍ଟମ ଦିନର ଉପାସ୍ୟା ତାଙ୍କର ଶକ୍ତି ଅମୋଘ ଓ ଫଳପ୍ରଦ ତାଙ୍କର ଉପାସନା ଭକ୍ତ ଓ ସାଧକଙ୍କର ସକଳ କଳୁଷ ନାଶ କରେ। ଭବିଷ୍ୟତରେ ମଧ୍ୟ ଭକ୍ତ ଓ ସାଧକଙ୍କର କୌଣସି ପାପ, ସନ୍ତାପ, ଦୁଃଖେ, ଦୈନ୍ୟ ରହେ ନାହିଁ ସେ ପର୍ବତୋଭାବେ ପବିତ୍ର ଓ ଅକ୍ଷୟ ପୁଣ୍ୟର ଅଧିକାରୀ ହୁଅନ୍ତି । ଦେବୀଙ୍କର କୃପା ଫଳରେ ଅଲୌକିକ ସିଦ୍ଧି ଲାଭ ହୁଏ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘଟଗାଁ ତାରିଣୀ...

ପରିଗଣିତ ହେବ ।

ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ଗ୍ରାମପଞ୍ଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟର ବିକାଶ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି।

ତିନି ବର୍ଷ (୨୦୨୫-୨୬ ରୁ ୨୦୨୭-୨୮ ) ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ଗୋଟି ମଡେଲ ସ୍କୁଲ ନିର୍ମାଣ ପାଇଁ ୧୨,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରତ୍ୟେକ ସ୍କୁଲ ପାଇଁ ଆନୁମାନିକ ଖର୍ଚ୍ଚ ପ୍ରାୟ ୫ କୋଟି ଟଙ୍କା ଆକଳନ କରାଯାଇଥିବା ବେଳେ, ପ୍ରତ୍ୟେକ ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ ।

ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାରେ ଏକ ଅନ୍ତର୍ଭୁକ୍ତି ମୂଳକ ଏବଂ ଗୁଣାତ୍ମକ ଶିକ୍ଷା ଇକୋସିଷ୍ଟମ ଗଠନ କରିବା ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ, ସମାନ ଶିକ୍ଷା ସୁଯୋଗ ଏବଂ ପ୍ରତ୍ୟେକ ପିଲାର ମୌଳିକ ସଶକ୍ତିକରଣ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବା ଦିଗରେ ଅଭିପ୍ରେତ କରିବ ।

ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର ଲକ୍ଷ୍ୟ ହେଉଛି ଶିକ୍ଷା ଅଧିକାର ଆଇନ, ୨୦୦୯ ର ଉଦ୍ଦେଶ୍ୟ ସହିତ ସମନ୍ୱୟ ରକ୍ଷା କରିବା ସହ ଅନ୍ତର୍ଭୁକ୍ତି ଶିକ୍ଷା ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱାରୋପ କରି ଗ୍ରାମ ପଞ୍ଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ।

ସେହିପରି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି। ଓଡିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ର ବ୍ୟବସ୍ଥାରେ ୨୦ କିମ୍ବା ତଦୁର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଲାଗୁ ହେବ, ପରନ୍ତୁ ସମସ୍ତ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ନିର୍ବିଶେଷରେ ଓଡିଆ ସାଇନ ବୋର୍ଡ ପ୍ରଦର୍ଶନ କରିବାକୁ ପଡିବ । ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୯ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି । ଏକ ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟପାଳି ଅତି କମରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ ।ତ୍ରୈମାସିକ ଓଭର ଟାଇମ କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି। କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିଲେ, ସେ ଏପରି ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରୀ ହାରର ଦ୍ୱିଗୁଣିତ ମଜୁରୀ ପାଇବାକୁ ହକଦାର ହେବେ । ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ। ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ। ମହିଳା କର୍ମଚାରୀ ମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ନିୟୋଜିତ କରାଯାଇପାରିବ । ଏହି ସଂସ୍କାର ଗୁଡିକ ରାଜ୍ୟରେ ନୂତନ ଶିଳ୍ପ ଏବଂ ନିବେଶକୁ ଆକର୍ଷିତ କରିବ, କାରଖାନା ଗୁଡିକୁ ସର୍ବୋଚ୍ଚ ଚାହିଦା ପୂରଣ କରିବାରେ ସକ୍ଷମ କରିବ ଏବଂ ଉତ୍ପାଦକତା ବୃଦ୍ଧି କରିବ । ଏହା ଅଧିକ ଓଭର ଟାଇମ କାମ କରିବାକୁ ଅନୁମତି ଦେଇ ଶ୍ରମିକଙ୍କ ରୋଜଗାର ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ । ଭାରତ ସରକାରଙ୍କ ନିୟନ୍ତ୍ରଣ ମୁକ୍ତି ବା ଡି-ରେଗୁଲେସନ ପଦକ୍ଷେପର ପ୍ରାଥମିକତା କ୍ଷେତ୍ରରେ ପ୍ରସ୍ତାବିତ ଏହି ଅନୁମୋଦିତ ସଂଶୋଧନ ପ୍ରସ୍ତାବ ଗୁଡିକ ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ ଦ୍ରୁତ ବ୍ୟବସାୟୀକରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ, ଯାହା କି ଆମକୁ ବିକଶିତ ଓଡିଶା ଓ ବିକଶିତ ଭାରତ ଗଢିବାରେ ସାହାଯ୍ୟ କରିବ ବୋଲି କୁହାଯାଇଛି।

## ବିହାର ପାଇଁ ...

ସୁବର୍ଣ୍ଣ ରାଜ୍ୟ ଭାବରେ ଉଭା ହେବ। ଏହି ଟ୍ରେନଗୁଡ଼ିକ ବିହାରରେ ସଂଯୋଗର ଏକ ନୂତନ ସ୍ତର ପ୍ରଦାନ କରିବ, ଯାତ୍ରୀମାନଙ୍କ ପାଇଁ ସୁବିଧା ବୃଦ୍ଧି କରିବ ଏବଂ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବ। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୦୧୪ରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ସେ ରେଳକୁ ପ୍ରାଥମିକତା ଦେଇଛନ୍ତି, ରାଜ୍ୟଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି। ସେ କହିଛନ୍ତି ଯେ ୨୦୧୪ ପୂର୍ବରୁ ବିହାରର ବାର୍ଷିକ ରେଳ ବଜେଟ୍ ମାତ୍ର ପ୍ରାୟ ୧୦୦୦ କୋଟି ଟଙ୍କା ଥିଲା, ଯେତେବେଳେ ଆଜି ଏହା ପ୍ରାୟ ୧୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିହାରର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି, ଯାହା ଅଧୀନରେ ବିହାରରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଚାଲିଛି। ସେ ଏହା ମଧ୍ୟ କହିଛନ୍ତି ଯେ ରାଜ୍ୟର ରେଳ ନେଟୱାର୍କକୁ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ କରାଯାଇଛି ଏବଂ ୧୮୯୯ କିଲୋମିଟର ନୂତନ ଟ୍ରାକ୍ ବିଛାଯାଇଛି।

ଭାରତୀୟ ରେଳବାଇ ଦ୍ୱାରା ବିକଶିତ, ଅମୃତ ଭାରତ ଏକ୍ସପ୍ରେସ୍ ଦେଶର ରେଳ ବ୍ୟବସ୍ଥାରେ ଆଧୁନିକୀକରଣର ପ୍ରତୀକ ପାଲଟିଛି। ଏହି ଟ୍ରେନ୍ କେବଳ ଯାତ୍ରା ପାଇଁ ଏକ ଦ୍ରୁତ ଏବଂ ମିତବ୍ୟୟୀ ବିକଳ୍ପ ନୁହେଁ, ବରଂ ଏଥିରେ ସେମି-ଅଟୋମେଟିକ୍ କପଲ୍ର, ଅଗ୍ନି ଆଲାର୍ମ ସିଷ୍ଟମ୍, ସିଲ୍ ଗ୍ୟାଙ୍ଗୱେ ଏବଂ ଟକ୍-ବ୍ୟାକ୍ ୟୁନିଟ୍ ଭଳି ଉନ୍ନତ ବୈଶିଷ୍ଟ୍ୟ ମଧ୍ୟ ରହିଛି। ପ୍ରଥମ ଥର ପାଇଁ, ଅଣ-ବାତାନୁକୂଳିତ କୋଚଗୁଡ଼ିକରେ ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା ପାଇଁ ଏପରି ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। 'ବିକଶିତ ବିହାରରୁ ବିକଶିତ ଭାରତ' ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଶିରୀଷ ଚନ୍ଦ୍ର ...

ବର୍ତ୍ତମାନ ବ୍ୟାଙ୍କିଂ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି ଗଭର୍ଣ୍ଣର ଅଛନ୍ତି। ଶ୍ରୀ ରାଓଙ୍କ କାର୍ଯ୍ୟକାଳ ୮ ଅକ୍ଟୋବର, ୨୦୨୫ରେ ଶେଷ ହେଉଛି। ଆରବିଆଇରେ ଚାରି ଜଣ ଡେପୁଟି ଗଭର୍ଣ୍ଣର ଅଛନ୍ତି, ଯେଉଁମାନେ ମୁଦ୍ରା ନୀତି, ଆର୍ଥିକ ବଜାର ନିୟନ୍ତ୍ରଣ ଏବଂ ବ୍ୟାଙ୍କିଂ ତଦାରଖ ଏବଂ ନିୟନ୍ତ୍ରଣ ଭଳି ବିଭାଗଗୁଡ଼ିକରେ କାର୍ଯ୍ୟରତ ଅଛନ୍ତି। ମୁର୍ମୁଙ୍କ ପୋର୍ଟଫୋଲିଓ ଆବଣ୍ଟନ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ।

## ଶୁଭେଚ୍ଛା ଜଣାଇଲେ...

ଜଣାଉଛି। ଜଣେ ସୁଯୋଗ୍ୟ ଓଡିଆ ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର କଥା। ଆରବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଦେଶର ଆର୍ଥିକ ବ୍ୟବସ୍ଥା ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । ତେବେ ଶିରୀଷ ଚନ୍ଦ୍ର ମୁର୍ମୁ ହେଉଛନ୍ତି ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସାନ ଭାଇ।

## ଏସିଆ କପ୍ ବିଜୟ...

ମ୍ୟାଚ୍ ଜିତିବା ପରେ, ପ୍ରଧାନମନ୍ତ୍ରୀ ମୋଦୀ ଦଳର କାର୍ଯ୍ୟଦକ୍ଷତାର ପ୍ରଶଂସା କରି କହିଛନ୍ତି ଯେ ଖେଳାଳିମାନେ ଯେମିତି ନିଷ୍ଠା ଓ କୌଶଳ ସହିତ ଖେଳିଲେ, ସେଥିରେ ଦେଶବାସୀଙ୍କର ଗର୍ବ ବୃଦ୍ଧି ପାଇଛି। ସେ ଏହି ବିଜୟକୁ ଦେଶ ପାଇଁ ଗର୍ବର କ୍ଷଣ ବୋଲି କହିଛନ୍ତି ଓ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଭାରତର ଐତିହାସିକ ବିଜୟ ପରେ 'ଏକ୍ସ' ରେ ଲେଖିଛନ୍ତି 'କ୍ରିକେଟ୍ ଫିଲ୍ଡରେ ଅପରେସନ୍ ସିନ୍ଦୂର। ପରିଣାମ ଏକ। ଆମ କ୍ରିକେଟ୍ ଖେଳାଳିମାନଙ୍କୁ ଅନେକ ଶୁଭେଚ୍ଛା।'

## ଫିଲ୍ମ ଉପରେ...

ସମାଧାନ ହିଁ ଏହି ନିଷ୍ପତ୍ତି ବୋଲି କହିଛନ୍ତି। ପୋଷ୍ଟରେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ସ୍ଲୋଗାନ୍ ସମେତ ସାଇନ୍ ଅଫ୍ କରିଛନ୍ତି।

## ପିଏମ୍ ଇ-ଡ୍ରାଇଭ୍ ...

ଭାବେ ନିଯୁକ୍ତ ହୋଇଛି ଏବଂ ଏକ ଜାତୀୟ ହବ ଓ ମୋବାଇଲ ଆପ୍ ମାଧ୍ୟମରେ ଚାର୍ଜର ନେଟୱାର୍କରେ ରିଅଲ-ଟାଇମ ସୂଚନା ଓ ବୁକିଂ ସୁବିଧା ଯୋଗାଇବ। ସବ୍‌ସିଡି ଦୁଇ ପର୍ଯ୍ୟାୟରେ ପ୍ରଦାନ କରାଯିବ: ୭୦% କ୍ରୟ ସମୟରେ ଓ ୩୦% କମିଶନିଂ ପରେ। ଏହି ଚାର୍ଜିଂ ଷ୍ଟାଣ୍ଡାର୍ଡ ନିର୍ଦ୍ଧାରଣ କରାଯାଇଛି, ଯେଉଁଥିରେ ଦୁଇ ଓ ତିନି ଚକିଆ ଯାନ ପାଇଁ ୧୨ କିଲୋୱାଟ ଏବଂ କାର, ବସ ଓ ଭାରୀ ଯାନ ପାଇଁ ୫୦ ରୁ ୫୦୦ କିଲୋୱାଟ ଫାଷ୍ଟ ଚାର୍ଜର ଅନ୍ତର୍ଭୁକ୍ତ ରହିବ।

## ମେଘାଳୟରୁ ୨.୫...

ଟ୍ରାଫିକ୍ ଚେକପୋଷ୍ଟିଂ ନିକଟରେ ଏହି କାର୍ଯ୍ୟାନୁଷ୍ଠାନ କରିଥିଲେ। ଜିଲ୍ଲା ପୁଲିସ୍ ଅଧୀକ୍ଷକ ଗିରି ପ୍ରସାଦ କହିଛନ୍ତି ଯେ ଖଲିହରିଆଟ୍‌ରୁ ଜୋୱାଇଁକୁ ଯାଉଥିବା ଗାଡ଼ିକୁ ଅତିରିକ୍ତ ତଦନ୍ତ କରାଯାଇଥିଲା। ଯାଞ୍ଚ ସମୟରେ, ପୁଲିସ୍ ହେରୋଇନ୍ ଥିବା ୫୦ଟି ପ୍ଲାଷ୍ଟିକ୍ ସାବୁନ୍ କେସ ଜବତ କରିଥିଲେ, ଯାହାର ମୋଟ ଓଜନ୍ ପ୍ରାୟ ୫୧୨.୬୩ ଗ୍ରାମ୍ ଥିଲା। ଗିରଫ ହୋଇଥିବା ଦୁଇଜଣ ବ୍ୟକ୍ତି ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି ଓ ଏହି ଚୋରାମାଲର ସ୍ରୋତ ଓ ପହଞ୍ଚାଉଥିବା ସ୍ଥାନ ଜାଣିବା ପାଇଁ ତଦନ୍ତ ଜାରି ଅଛି।

## ବଙ୍ଗୋପସାଗରରେ...

ଉପକୂଳ ଓଡ଼ିଶା ଓ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବ, ଯାହା ଦୁର୍ଗାପୂଜାର ବାହାରେ କାର୍ଯ୍ୟକ୍ରମ ଓ ଯାତ୍ରା ଯୋଜନାକୁ ପ୍ରଭାବିତ କରିପାରେ। ୨ ଓ ୩ ଅକ୍ଟୋବରରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ, ଢେଙ୍କାନାଳ, ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଅନୁଗୁଳ ଓ ନୂଆପଡ଼ା ଆଦି ଜିଲାରେ ମଧ୍ୟମ ଧରଣର ବର୍ଷା ହେବ। ୩୦ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, କନ୍ଧମାଳ ଓ ଅନ୍ୟ ଜିଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ୩୦-୪୦ କିମି/ଘଣ୍ଟା ବେଗରେ ପବନ ହେବ। ଅକ୍ଟୋବର ୧-୩ ମଧ୍ୟରେ ଓଡ଼ିଶା ଉପକୂଳ ଓ ବଙ୍ଗୋପସାଗରରେ ୩୫-୪୫ କିମି/ଘଣ୍ଟା ବେଗରେ ପବନ ବହିପାରେ, ଯାହା ୫୫ କିମି/ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

## ୧୯୩ ପୂଜା...

ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଯାଇ ଏଭଳି ବ୍ୟବସ୍ଥା ହୋଇଥିବା କହିଛନ୍ତି ପୋଲିସ କମିଶନର। ସେହିପରି ଟ୍ରାଫିକ ବ୍ୟବସ୍ଥା ସହରରେ ବର୍ତ୍ତମାନ ଅସମ୍ଭାଳ ହୋଇପଡିଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଛକ ବଜାରରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା କହିଛନ୍ତି ପୋଲିସ କମିଶନର ।

# କଟକରେ ଝଟକୁଛି 'ତାରକସୀ'ର ଅପୂର୍ବ କାରିଗରୀ : ୩୬ଟି ଚାନ୍ଦିମେଢ଼ରେ ପୂଜା ପାଉଛନ୍ତି ମା'ଦୁର୍ଗା

**କଟକ, ନ୍ୟୁଜ ବ୍ୟୁରୋ** ଶାରୀଦୀୟ ଦୁର୍ଗାପୂଜା ଅବସରରେ ଗତ ୨୨ ତାରିଖ ଠାରୁ ମା'ଙ୍କ ପୀଠରେ ନବରାତ୍ରୀ ଆରମ୍ଭ ହୋଇଯାଇଛି । ଷଷ୍ଠୀ ତିଥିରୁ ମଣ୍ଡପରେ ଜଗତଜନନୀ ମା'ଦୁର୍ଗା ପୂଜା ଆରମ୍ଭ ହୋଇଥିବା ବେଳେ ଏହା ଦଶହାର ପର୍ଯ୍ୟନ୍ତ ଜାରି ରହିବ। ଭକ୍ତମାନେ ମାଙ୍କ ଚରଣରେ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଦଶହରା ପାଇଁ ଐତିହାସିକ କଟକ ସହର ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି। ୫୨ ବଜାର ୫୩ ଗଳିରେ ଦଶହରାର ମାହୋଲ ଦେଖିବାକୁ ମିଳିଛି। ଚଳିତବର୍ଷ ୧୭୬ ମଣ୍ଡପରେ ମା' ଦୁର୍ଗା ପୂଜା ପାଉଛନ୍ତି। ଏଥିମଧ୍ୟରୁ ମା' ଦୁର୍ଗା ୩୬ଟି ଚାନ୍ଦି ମେଢ଼ଯୁକ୍ତ ମଣ୍ଡପ ନିର୍ମାଣ ହୋଇଛି। ଐତିହାସିକ କଟକରେ ସୁସଜ୍ଜିତ ମା' ଦୁର୍ଗାଙ୍କ ଚାନ୍ଦିମେଢ଼ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ମା' ଙ୍କ ମେଢ ଏବଂ ପୁରୁଣା ପରମ୍ପରାକୁ ନେଇ ଚର୍ଚ୍ଚା ହୋଇଥାଏ। କେବଳ ସେତିକି ନୁହେଁ, କଟକ ଦଶହରାର ବିଶେଷତା ହେଉଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ମେଢ଼। ଏଠାରେ ମା'ଙ୍କର ମେଢ଼କୁ ପ୍ରଥମେ ରଙ୍ଗୀନ କାଗଜ ଓ ସୋଲରୁ ପ୍ରସ୍ତୁତ କରାଯାଉଥିଲା। ପରେ ଏଥିରେ ଜରି ବ୍ୟବହାର କରାଗଲା, ଯାହା କି ମା'ଙ୍କ ମୂର୍ତ୍ତିକୁ ଆହୁରି ଆକର୍ଷଣୀୟ କରିଥିଲା। ପରବର୍ତ୍ତୀ ସମୟରେ ଜରିର ସ୍ଥାନ ନେଇଛି ରୁପା ଓ ସୁନା। ତାରକସୀ ଶିଳ୍ପୀମାନେ ମା' ଙ୍କ ମୁକୁଟ ସହ ଅଳଙ୍କାର ପ୍ରସ୍ତୁତ କରିବା ପରେ କଟକ ଦୁର୍ଗାପୂଜାକୁ ଆଉ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ଚୌଧୁରୀବଜାର, ଶେଖ୍ ବଜାର, ଅଲିଶା ବଜାର, ବାଲୁବଜାର, ଚାଉଳିଆଗଂଜ, ଚାନ୍ଦିନୀ ଚୌକ, ଶଙ୍କରପୁର-ବାଦାମବାଡ଼ି (ମହାଦେବ), କାଜିବଜାର, ତୁଳସୀପୁର (ମହାଦେବ), ବୁଢ଼ି ଠାକୁରାଣୀ, ଗଣେଶଘାଟ (ମହାଦେବ), ବାଖରାବଜାର (ଛିନ୍ନମସ୍ତା), ଫିରିଙ୍ଗବଜାର, ନୟାସଡ଼କ (ମହାଦେବ), କାଠଗଡ଼ାସାହି, ପୀଠାପୁର (କାଳୀୟଦଳନ), ଦରଘାବଜାର, ମାଛୁଆବଜାର, ମଙ୍ଗଳାବାଗ, ରାଣୀହାଟ, ଛତ୍ରବଜାର, ଖାନନଗର, ଶିଖରପୁର, ହରିପୁର-ଦୋଳମୁଣ୍ଡାଇ, ବିଡ଼ାନାସୀ କୁମ୍ଭାରସାହି, ଗଙ୍ଗାମନ୍ଦିର, କଲେଜଛକ, ଖଟବିନସାହି, କାଫଲାବଜାର, ମହମ୍ମଦିଆବଜାର, ନିମସାହି (ମହାଦେବ), ନିମଚୌଡ଼ି (ହରପାର୍ବତୀ), ତୁଳସୀପୁର ମଠସାହି, ରାମଗଡ଼-କନିକାଛକ, ଯୋବ୍ରା ଓ ଗୋପାଳଜୀଉ ମଠସାହିରେ ଚାନ୍ଦିମେଢ଼ ନିର୍ମାଣ କରାଯାଇଛି। ତେଲେଙ୍ଗାବଜାର ଏବଂ ବୟାଳିଶମୌଜାରେ ପିତ୍ତଳ ମେଢ଼ ନିର୍ମାଣ କରାଯାଇଥିବା ବେଳେ ରାଉସପାଟଣାରେ ପୂର୍ବବର୍ଷ ଭଳି ଏଥର ମଧ୍ୟ କାଚମେଢ଼ରେ ମା' ବିରାଜିଛନ୍ତି। ଓଡ଼ିଶା ଇତିହାସ କହେ, ଚୈତନ୍ୟ ମହାପ୍ରଭୁ ଶୋଷଡ଼ ଶତାବ୍ଦୀର ପ୍ରଥମ ଦଶନ୍ଧୀରେ ପୁରୀ ଗସ୍ତରେ ଆସିଥିଲେ ଏବଂ ଏହି ସମୟରେ କଟକ ବାଲୁବଜାରରେ କିଛି ଦିନ ବିତାଇଥିଲେ। ସମ୍ଭବତଃ ଚୈତନ୍ୟ ଯେଉଁ ସମୟରେ କଟକରେ ଅବସ୍ଥାପିତ ଥିଲେ, ସେତେବେଳକୁ ଶରତ ଋତୁ ଥିଲା। ତେଣୁ ସେ ବାଲୁବଜାର (ବିନୋଦ-ବିହାରୀ)ରେ ମା'ଦୁର୍ଗାଙ୍କ ମୃଣ୍ମୟୀ ଘଟ ସ୍ଥାପନ କରି ପୂଜା ଆରମ୍ଭ କରିଥିଲେ। ଏଠାରୁ ଚୈତନ୍ୟ ମହାପ୍ରଭୁ ଗଲା ପରେ ପ୍ରତିବର୍ଷ ଶରତଋତୁରେ ମା'ଦୁର୍ଗାଙ୍କ ପୂଜା ହୋଇ ଆସୁଛି। ତେଣୁ ଏହି ମଣ୍ଡପକୁ କଟକର ସର୍ବପୁରାତନ ଦେବୀ ମଣ୍ଡପ ସହ ଏଠାକାର ଦୁର୍ଗାଙ୍କୁ ବଡ଼ ଭଉଣୀ ରୂପେ ମଧ୍ୟ ବିବେଚନା କରାଯାଏ। ସେହିପରି ଚାନ୍ଦିନୀ ଚୌକ ଦୁର୍ଗାପୂଜାକୁ ସାନଭଉଣୀ କୁହାଯାଇଥାଏ। ରାଜାରାଜୁଡ଼ା ସମୟରେ ତଥା ୧୯୬୦ ବେଳକୁ କଟକର ସବୁ ମେଢ଼ ଚାନ୍ଦିନୀ ଚୌକକୁ ଆସୁଥିଲେ। ଇତିହାସ କହେ ୧୯୦୦ ମସିହା ପୂର୍ବରୁ କଟକ ସହରରେ ୫-୬ଟି ଦୁର୍ଗାମେଢ ସହ ଅନ୍ୟ ୧୦ଟି ମେଢ କରାଯାଉଥିଲା। ଆଜିର ଦିନରେ ଏହା ବୃଦ୍ଧି ପାଇ ଦୁଇ ଶହ ନିକଟ ଆଡ଼କୁ ଅଗ୍ରସର ହେଉଛି। କଟକର ପ୍ରତ୍ୟେକ ଗଳିକନ୍ଦିରରେ ଦୁର୍ଗାପୂଜାକୁ ନିଆରା ଢଙ୍ଗରେ ପାଳନ କରାଯାଉଛି। କଟକ ବାଲୁବଜାର ପୂଜା କମିଟିର ସଂପାଦକ ଈଶ୍ୱର ଚନ୍ଦ୍ର ବେହେରା କୁହନ୍ତି, ବିନୋଦ ବିହାରୀରେ ଏଥର ୫୧୯ତମ ଦୁର୍ଗାପୂଜା କରାଯାଉଛି। ଏଠାରେ ଓଡ଼ିଶାରେ ସର୍ବପ୍ରଥମେ ସାର୍ବଜନୀନ ଦୁର୍ଗାପୂଜାର ଆୟୋଜନ କରାଯାଇଛି। ୧୯୫୬ ମସିହାରେ କଟକର ଚୌଧୁରୀ ବଜାର ପକ୍ଷରୁ ଆୟୋଜିତ ଦୁର୍ଗାପୂଜାରେ ପ୍ରଥମେ ଚାନ୍ଦିମେଢ଼ ଶୋଭା ପାଇଥିଲା। ଏଠାରେ ୧୯୯୯ ମସିହାରେ ମାଙ୍କ ପାଇଁ ସୁନା ମୁକୁଟ ତିଆରି ହୋଇଥିଲା ଏହାପରେ ପରେ ଅନେକ ଦୁର୍ଗାପୂଜା ସମିତି ଚାନ୍ଦି ଓ ସୁନା ମେଢ଼ ନିର୍ମାଣ କଲେ। ଚୌଧୁରୀ ବଜାରରେ ଆୟୋଜିତ ମା'ଙ୍କ ପୂଜାରେ ଅଢ଼େଇ କୁଇଣ୍ଟାଲ ରୁପା ବ୍ୟବହାର ହୋଇଛି। ଏଥିରେ ପ୍ରାୟ ୨୦କିଲୋରୁ ଉର୍ଦ୍ଧ୍ୱ ସୁନା ଲାଗିଛି। ପାର୍ଶ୍ୱଦେବା ଦେବୀ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ, ମହିଷାସୁରଙ୍କ ମୁକୁଟ ସୁନାରୁ ନିର୍ମାଣ ହୋଇଛି। କଟକ ମହାନଗର ଅଞ୍ଚଳରେ ଚଳିତ ବର୍ଷ ୧୭୬ଟି ମେଢ଼ରେ ପୂଜା ଚାଲିଛି। ଏଥିରୁ ପାଖାପାଖି ୧୦୦ଟିରେ ମାଁ ଦୁର୍ଗା ଓ ବାକି ମେଢ଼ରେ ଶିବ ଏବଂ ଅନ୍ୟାନ୍ୟ ମୂର୍ତ୍ତି ପୂଜା ପାଉଛନ୍ତି। ଚଳିତ ବର୍ଷ କଟକରେ ୩୬ଟି ଚାନ୍ଦିମେଢ଼ ନିର୍ମାଣ କରାଯାଇଛି। ଏତଦ୍ ବ୍ୟତୀତ ତେଲେଙ୍ଗାବଜାର ଓ ବୟାଳିଶ ମୌଜାରେ ପିତ୍ତଳ ଏବଂ ରାଉସପାଟଣାରେ କାଚ ମେଢ଼ ନିର୍ମାଣ କରାଯାଇଛି। କଟକରେ ଦୁର୍ଗାପୂଜାର ଅନେକ ମେଢ଼ରେ ସୁନା ବ୍ୟବହାର ହୋଇଛି। ମଙ୍ଗଳବାଗ ଓ ଚୌଧୁରୀ ବଜାର ସୁନା ମେଢ଼ ଆଡ଼କୁ ଗତି କରୁଛି। ସାତ ଦଶନ୍ଧୀ ପୂର୍ବରୁ କଟକରେ ୧୦ରୁ ୧୨ଟି ସ୍ଥାନରେ ଦୁର୍ଗାପୂଜା ହେଉଥିଲା। ଆୟୋଜନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏବେ ସମୟ ବଦଳିଛି। ଶାନ୍ତି କମିଟି ୧୯୮୩ ଅକ୍ଟୋବର ୮ରେ ଗଠନ ହୋଇଥିଲା। ମଙ୍ଗଳାବାଗର ବାଘ ମଙ୍ଗଳାମନ୍ଦିରରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ପ୍ୟାରୀମୋହନ ମହାପାତ୍ର କଟକ ଜିଲ୍ଲାପାଳ ଥିଲେ। ବହୁ ବର୍ଷ ହେଲା ଦେବୀଗଡ଼ାରେ ମୂର୍ତ୍ତି ବିସର୍ଜନ ପରଂପରା ବହୁ ବର୍ଷରୁ ରହି ଆସିଛି।

# ରେଳମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି : ରେଲୱେ ପ୍ରକଳ୍ପ ଶୀଘ୍ର ଆରମ୍ଭ ହେଉ



**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ** କଣ୍ଟାବାଞ୍ଜି ରେଳ ଯାତ୍ରୀ ସଂଘ ତରଫରୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା ଏହି ଦାବି ପତ୍ର ରେ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ଯାତ୍ରୀମାନଙ୍କ ସୁବିଧା ପାଇଁ କିଛି ମୁଖ୍ୟ ଦାବିଗୁଡ଼ିକ ହେଲା – ଦୁର୍ଗ-ପୁରୀ ଭିତରେ ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ (ସ୍ଲିପର୍ କୋଚ୍) ଆରମ୍ଭ। ହାଟିଆରୁ ପ୍ରସ୍ତାବିତ ବନ୍ଦେ ଭାରତ ଟ୍ରେନ୍ (ହାଟିଆ-ପୁରୀ, ହାଟିଆ-ବ୍ୟାଙ୍ଗାଲୋର, ହାଟିଆ-ପୁଣେ, ହାଟିଆ-ରାୟପୁର)କୁ ଟିଟଲାଗଡ଼-କଣ୍ଟାବାଞ୍ଜି-ନୂଆପଡ଼ା-ରାୟପୁର ମାର୍ଗରୁ ଚଳାଇବା। ବିଶାଖାପଟ୍ଟନମ-ପ୍ରୟାଗରାଜ ଏକ୍ସପ୍ରେସ୍‌କୁ ରାୟପୁର-ବିଲାସପୁର ମାର୍ଗରୁ ଚଳାଇବା, ଯାହା ଧାର୍ମିକ ଯାତ୍ରୀମାନଙ୍କୁ ସୁବିଧା ଦେବ। କୋଭିଡ୍ ସମୟରେ ବନ୍ଦ ହୋଇଥିବା ସମ୍ବଲପୁର-ବ୍ୟାଙ୍ଗାଲୋର ଏକ୍ସପ୍ରେସ୍‌କୁ ଟିଟଲାଗଡ଼-ରାୟପୁର-ଗୋଣ୍ଡିଆ ମାର୍ଗରୁ ପୁନଃ ଆରମ୍ଭ କରିବା। ରାୟପୁର-ସିକନ୍ଦରାବାଦ ସୁପରଫାଷ୍ଟ ଏକ୍ସପ୍ରେସ୍ (୧୨୭୭୧/୭୨)କୁ କଣ୍ଟାବାଞ୍ଜି ପର୍ଯ୍ୟନ୍ତ ବିସ୍ତାର କରିବା, ଯାହା ପଶ୍ଚିମ ଓଡ଼ିଶା ଓ କଇକ ଅଞ୍ଚଳର ଲକ୍ଷେ ଶ୍ରମିକଙ୍କୁ ପ୍ରତ୍ୟକ୍ଷ ଲାଭ ଦେବ। ଏହା ସହ ସଂଘ ପକ୍ଷରୁ ପ୍ରମୁଖ ଦାବି କରଛି ଯେ ବିଗତ ୩୦ ଜାନୁଆରୀ ୨୦୨୪ ରେ ରେଳମନ୍ତ୍ରଣାଳୟ ତରଫରୁ କଣ୍ଟାବାଞ୍ଜିରେ ୱାଗନ୍ ପିଓଏଚ୍ ମରାମତି କେନ୍ଦ୍ର କୁ ଅନୁମୋଦନ ମିଳିଥିଲା ଓ ୫ ମାର୍ଚ୍ଚ ୨୦୨୪ରେ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ୍ ମାଧ୍ୟମରେ ଭୂମିପୂଜନ ମଧ୍ୟ କରିଥିଲେ। କିନ୍ତୁ ଡେଢ଼ ବର୍ଷ ବିତି ଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। ଏହି ପ୍ରକଳ୍ପକୁ ଶୀଘ୍ର ଆରମ୍ଭ କରିବାକୁ ସଂଘ ଦାବି କରିଛି। ସଂଘର କହିବା ଅନୁଯାୟୀ, ଯଦି ଟ୍ରେନ୍‌ଗୁଡ଼ିକୁ ଟିଟଲାଗଡ଼, କଣ୍ଟାବାଞ୍ଜି, ନୂଆପଡ଼ା, ରାୟପୁର ମାର୍ଗରୁ ଚଳାଇଯାଏ, ତେବେ ଯାତ୍ରା ସମୟ ଓ ଦୂରତା ଦୁହିଁ କମିବ। ଏହା ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ର ଲକ୍ଷେ ଯାତ୍ରୀଙ୍କୁ ସିଧାସଳଖ ସୁବିଧା ଦେବ। ସାଂସଦ ସମସ୍ତ ଦାବି କୁ ସମର୍ଥନ ଜଣାଇଛନ୍ତି ଓ ଏହି ସମସ୍ତ ଦାବି ପୂରଣ କରିବା ସହ କଣ୍ଟାବାଞ୍ଜିରେ ପ୍ରସ୍ତାବିତ ରେଲୱେ ପିଓଏଚ ୟୁନିଟ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା କୁ ରେଳମନ୍ତ୍ରୀ ଙ୍କୁ ଚିଠି ଲେଖିଛନ୍ତି । ଏହି ସମୟରେ କଣ୍ଟାବାଞ୍ଜି ରେଳ ଯାତ୍ରୀ ସଂଘର ଅଧ୍ୟକ୍ଷ ଆଶିଷ ଖଇତାନ, ସମ୍ପାଦକ ପ୍ରଭଜିତ ସିଂହ ସଲୁଜା, ଉପାଧ୍ୟକ୍ଷ କଂୱଲଜିତ ସିଂହ ମାଖିଜା, ବଜରଙ୍ଗ ଅଗ୍ରୱାଲ, ଓ କମଲ ଅଗ୍ରୱାଲ, ଅମିତ୍ ଶର୍ମା , ବିଶିକେସନ ମାଝୀ ଉପସ୍ଥିତ ଥିଲେ।

ଭୁବନେଶ୍ୱର
୩୦ ସେପ୍ଟେମ୍ବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଦୁର୍ଗା


ସହିଦନଗର ଦୁର୍ଗାପୂଜା ସମିତି


ରସୁଲଗଡ


ନୟାପଲ୍ଲୀ


ଝାରପଡା


ଡମଣା ଛକ



ମଞ୍ଚେଶ୍ୱର ରେଲୱେ କଲୋନୀ


ଓଲ୍ଡ ଷ୍ଟେସନ ବଜାର


ବମିଖାଲ

ଶ୍ରୀମନ୍ଦିରରେ ପୁଣି ନୀତି ବିଭ୍ରାଟ

## ଭାଙ୍ଗିଦେଲେ ହଜାରେ ବର୍ଷର ପରମ୍ପରା



**ପୁରୀ, ୨୯/୯ ନ୍ୟୁଜ ବ୍ୟୁରୋ**

ରବିବାର ବିଳମ୍ବିତ ରାତିରେ ପୁଣି ଶ୍ରୀମନ୍ଦିର ନୀତିରେ ବ୍ୟାପକ ବିଭ୍ରାଟ ହୋଇଛି । ମହାପ୍ରଭୁଙ୍କ ଚନ୍ଦନଲାଗି ପରେ ଭକ୍ତ ବାହାର କାଠ ଡେଇଁ ଭିତରକାଠ ନିକଟରେ ଦର୍ଶନ କରିଛନ୍ତି । ଚନ୍ଦନଲାଗି ପରେ ସେବାୟତ ପରିବାରବର୍ଗ ମଧ୍ୟ ଭିତରକାଠ ପର୍ଯ୍ୟନ୍ତ ଯିବା କେହି କେବେ ଦେଖିନାହିଁ । ଏ କଥା ଜାଣି ମଧ୍ୟ ଜଣେ ବରିଷ୍ଠ ସେବାୟତ ୧୫ ଜଣ ଭକ୍ତଙ୍କୁ ନେଇ ଭିତରକାଠ ନିକଟରେ ଦର୍ଶନ କରାଇବାର ସୁଯୋଗ ଦେଇଛନ୍ତି । ସେଠାରେ ଭକ୍ତ ଦର୍ଶନ କରିବା ବେଳେ ଗର୍ଭଗୃହରୁ ସେବାୟତମାନେ ବଡ଼ ପାଟିରେ ବାରଣ ମଧ୍ୟ କରିଥିଲେ । ହେଲେ କେହି ଏହାକୁ ଭ୍ରୂକ୍ଷେପ କରି ନଥିଲେ। ଏଭଳି ନୀତି ବ୍ୟତିକ୍ରମ କାରଣରୁ ହଜାରେ ବର୍ଷର ପରମ୍ପରା ଭାଙ୍ଗିଥିବା କୁହାଯାଉଛି ।

# ମା' ଶାରଳାଙ୍କୁ ବଳୀ ପରିବର୍ତ୍ତେ ଅର୍ପଣ ହେଲା ୧୦୮ ପ୍ରକାରର ଭୋଗ

**ଭୁବନେଶ୍ୱର, ୨୯/୦୯**
**ନ୍ୟୁଜ ବ୍ୟୁରୋ**

ଜଗତସିଂପୁର ଜିଲ୍ଲାର ପ୍ରସିଦ୍ଧ ପ୍ରାଚୀନ ଶକ୍ତିପୀଠ 'ବାଣୀ କ୍ଷେତ୍ର' ଝଙ୍କଡ଼ ଶାରଳା ପୀଠରେ ଗତ ୧୪ ତାରିଖ ଠାରୁ ମୂଳାଷ୍ଟମୀ ଅବସରରେ ଆରମ୍ଭ ହୋଇଥିବା ସାର୍ବଜନୀନ ଶାରଦୀୟ ପାର୍ବଣ ପୂଜା ସୋମବାର ମହାଷ୍ଟମୀରେ ପହଞ୍ଚିଛି। ମାଆଙ୍କ ପୂଜା ଧୁମ୍‌ଧାମର ସହିତ ପାଳିତ ହେଉଛି। ଦୀର୍ଘ ୧୬ ଦିନ ଧରି ମା' ଶାରଳାଙ୍କ ପାର୍ବଣ ପୂଜା ବୈଦିକ ବିଧିବିଧାନରେ ଅନୁଷ୍ଠିତ ହେଉ ଥିବା ବେଳେ ସୋମବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି।

ଏହି ଉପଲକ୍ଷେ ପ୍ରତିଦିନ ପ୍ରାତଃ ସମୟରେ ମଙ୍ଗଳ ଆଳତି, ମଧୁସ୍ନାନ, ଦଶଦିଗପାଳ ପୂଜା, ପାର୍ଶ୍ୱ ଦେବଦେବୀ ପୂଜା, ପଞ୍ଚାମୃତ ମାର୍ଜନା ପରେ ଅପୂର୍ବ ମନୋରମ ବେଶରେ ମାଆଙ୍କୁ ସଜ୍ଜିତ କରାଯାଇଛି।

ଦୈନିକ ପାଞ୍ଜିପାଠ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ପ୍ରଥମ ପ୍ରହର ଧୂପ, ବଡସିଂହାର, ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୂତି ପ୍ରଦାନ କରାଯାଇଥିବା ବେଳେ ସନ୍ଧ୍ୟାଆରତୀ ବେଶ ଦର୍ଶନ ପରେ ନାଟ୍ୟ ମଣ୍ଡପରେ ପୁରାଣପଣ୍ଡାଙ୍କ ଦ୍ୱାରା ଶୂଦ୍ରମୁନି ଆଦିକବି ସାରଳା ଦାସଙ୍କ ବିରଚିତ ଚଣ୍ଡୀ ପୁରାଣ ପାଠ ସହିତ ପ୍ରତିଦିନ ରାତି ୧୦ଟା ବେଳେ ସମ୍ପୂର୍ଣ୍ଣ ସୁନାବେଶ ଦର୍ଶନ ଆଦି ନୀତିକାନ୍ତି ରତିନିତିରେ ସମାହିତ ହୋଇଛି।

ସେପ୍ଟେମ୍ବର ୨୭/୨୮/୨୯ ତାରିଖ ଠାରୁ ମହାଷ୍ଟମୀ ଦିନ ସଂଧ୍ୟାର ଅପୂର୍ବ ମହିଷମର୍ଦ୍ଦିନୀ ବେଶରେ ମାଆ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ରାତି ୧୦ଟା ବେଳେ କାକିକା ନୃତ୍ୟ ପରିବେଷଣ କରାଯାଇଛି। ମହାଷ୍ଟମୀ ଦିନ ମାଆ ପ୍ରାଚୀନ ପୀଠ ଲଣ୍ଡାଦେଉଳରୁ ଫେରିବା ପରେ ମନ୍ଦିର ସୌଧ କରାଯାଇ ବିଦ୍ୟୁତ ସରବରାହ ବିଛିନ୍ନ କରାଯିବା ପରେ ସନ୍ଧିପୂଜା ଅନୁଷ୍ଠିତ ହୋଇଥିଲା। ଅଷ୍ଟମୀ ଯାଉଥିବ ଓ ନବମୀ ଆସୁଥିବ ଏହି ସନ୍ଧିକ୍ଷଣକୁ ସନ୍ଧିପୂଜା ବୋଲି ଅଭିହିତ କରାଯାଏ। ପୂର୍ବ କାଳରେ ଏହି ପୂଜାରେ ଏକ ଜୀବନ୍ତ ମହିଁଷକୁ ବଳୀ ଦିଆଯାଉଥିଲା। ଏହି ବଳୀ ପରିବର୍ତ୍ତେ ୧୦୮ ପ୍ରକାରର ଭୋଗ ସହିତ ଏକ ବଳୀପଣା ହାଣ୍ଡି ମାଆଙ୍କୁ ଅର୍ପଣ କରାଯାଇଛି।

ଏହି ପାର୍ବଣ ପୂଜାରେ ମଣ୍ଡଭୋଗ ଏକ ସ୍ୱତନ୍ତ୍ର ନୀତି କରାଯାଇଥିବା ବେଳେ ନୂଆଧାନରୁ ପ୍ରସ୍ତୁତ ଚୁଡ଼ାଘଷା ଭୋଗ ମଧ୍ୟ ଭକ୍ତମାନେ ନିଜ ହାତରେ ପ୍ରସ୍ତୁତ କରି ମାଆଙ୍କୁ ଭୋଗ ଲାଗି କରିଥାଆନ୍ତି। ମହାଷ୍ଟମୀ ପୂଜା ପରେ ନବମୀ ଓ ଦଶହରା ପୂଜା ଅନୁଷ୍ଠିତ ହେବ।

ସେହିପରି ଅଷ୍ଟମୀରେ ମାଆ ସମଲେଶ୍ୱରୀଙ୍କ ଖଣ୍ଡାଧୁଆ ବିଧି ସମ୍ପାଦନ କରାଯାଇଛି। ମହାନଦୀର ମଛିନ୍ଦ୍ରଘାଟରେ ମାଆଙ୍କ ଖଣ୍ଡା ଧୁଆଯିବା ପରେ ରାତିରେ ସେହି ଖଣ୍ଡା ମାଆଙ୍କ ସମ୍ମୁଖରେ ରଖାଯାଇ ପୂଜା କରାଯାଇଥିଲା । ସେହିପରି ସୋମବାର ଆଖଡ଼ା ଗୁର୍ଡ଼ିକ ମନ୍ଦିରକୁ ଆସି ଆଖଡ଼ା ପ୍ରଦର୍ଶନ କରିଥିଲେ। ମାଆଙ୍କ ଦର୍ଶନ ପାଇଁ ମନ୍ଦିରରେ ସକାଳଠୁ ଜମିଥିଲା ଭକ୍ତଙ୍କ ଭିଡ଼।

ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କ ଶକ୍ତିପୀଠରେ ମହାଷ୍ଟମୀ ପୂଜା ପାଳିତ ହୋଇଛି । ଷୋଡ଼ଶ ରୀତିନୀତି ଅନୁସାରେ ମା'ଙ୍କର ସ୍ୱତନ୍ତ୍ର ପୂଜାର ବ୍ୟବସ୍ଥା ରହିଛି । ଏହି ଅବସରରେ ସମ୍ପୂର୍ଣ୍ଣ ମନ୍ଦିରକୁ ଫୁଲରେ ସୁସଜ୍ଜିତ କରାଯାଇଛି । ଭୋର ୪ଟା ସମୟରେ ସେବାୟତମାନେ ମହାନଦୀରୁ ୧୦୮ କଳସୀରେ ପାଣି ଆଣି ପ୍ରଥମେ ମା'ଙ୍କର ମାଜଣା କରାଯିବା ସହ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଓ ବଲ୍ଲଭ ପୂଜା ପରେ ମା'ଙ୍କ ପାଖରେ ସକାଳ ଧୂପ ଲାଗିଥିଲା । ସକାଳ ଧୂପରେ ମା'ଙ୍କ ପାଖରେ ମାଣ୍ଡୁକ ଭୋଗ ଲାଗି କରାଯାଇଥିଲା। ପରେ ଅପରାହ୍ଣରେ ରାଜ ରାଜେଶ୍ୱରୀ ବେଶରେ ଜଗତ ଜନନୀ ମା' ଚର୍ଚ୍ଚିକା ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ସ୍ୱତନ୍ତ୍ର ବେଶ ଦେଖିବାକୁ ଦୂରଦୂରାନ୍ତରରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା ।



## ଉପର ପଡ଼ିଆରେ ବି ହେବ ବାଲିଯାତ୍ରା
## କୋର୍ଟଙ୍କୁ ସତ୍ୟପାଠ ଦିଆଯିବ : ଜିଲ୍ଲାପାଳ

**କଟକ,୨୯/୦୯ ନ୍ୟୁଜ ବ୍ୟୁରୋ**

ବାଲିଯାତ୍ରା ନକ୍ସାରୁ ଉପର ପଡ଼ିଆକୁ ବାଦ୍ ଦେବା ଘଟଣାକୁ ନେଇ ବିରୋଧ ହେବା ପରେ ପଛକୁ ଫେରିଛି ଜିଲ୍ଲା ପ୍ରଶାସନ। ଉପର ପଡ଼ିଆରେ ବି ବାଲିଯାତ୍ରା କରିବାକୁ ଆପାତତଃ ନିଷ୍ପତ୍ତି ନେଇଛି ପ୍ରଶାସନ। ଯଦିଓ ପ୍ରଶାସନର ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବି ଗୁରୁତ୍ୱ ରଖିବ। ଉପର ପଡ଼ିଆରେ ବାଲିଯାତ୍ରା କରିବାକୁ କୋର୍ଟଙ୍କୁ ସତ୍ୟପାଠ ଦିଆଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଛନ୍ତି। ରୂପରେଖ କ'ଣ ହେବ କୋର୍ଟଙ୍କୁ ଅବଗତ କରାଯିବ। ଲୋକ ପ୍ରତିନିଧିଙ୍କୁ ନେଇ ଜିଲ୍ଲାପାଳଙ୍କ ଆବାସିକ ବାସଭବନ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପୂର୍ବରୁ କେବଳ ତଳ ପଡ଼ିଆରେ ବାଲିଯାତ୍ରାକୁ ନେଇ ଉଠିଥିଲା ବିବାଦ। ଅଧିକାଂଶ ଦଳର ଲୋକପ୍ରତିନିଧି ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିଥିଲେ।



## ଠେଙ୍ଗିରିତଇଲା ଜଙ୍ଗଲରେ ବୁଲୁଥିବା ଅସୁସ୍ଥ ମାଈ ହାତୀ ଉପରେ ନଜର ରଖିଛି ବନବିଭାଗ

**ତେଲକୋଇ, ୨୯/୦୯ ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ବନ୍ଦନଝରି ସଂରକ୍ଷିତ ଜଙ୍ଗଲର ପୁରୁଷୋତ୍ତମପୁର ଗାଁ ନିକଟ ଠେଙ୍ଗିରିତଇଲା ଜଙ୍ଗଲରେ ବୁଲୁଛି ଅସୁସ୍ଥ ମାଈ ହାତୀ। ହାତୀର ବାମ ଗୋଡ଼ରେ ଆଘାତ ଯୋଗୁଁ ଛୋଟେଇ ଛୋଟେଇ ଚାଲୁଥିବା ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ହାତୀର ଗୋଡ ଫୁଲି ଯାଇଥିବା ବେଳେ ତିନିଟି ସ୍ଥାନରେ କ୍ଷତ ଚିହ୍ନ ରହିଥିବା ଲୋକେ ଦେଖିଛନ୍ତି। ସେଥିପାଇଁ ହାତୀଟିକୁ ଗୁଳି ବାଜିଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ତେବେ ବନବିଭାଗର କୌଣସି ଅଧିକାରୀ ଏନେଇ ସ୍ପଷ୍ଟ କରିନାହାନ୍ତି। ବନବିଭାଗର କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଥିବାବେଳେ ତିନି ଦିନ ବିତିଯାଇଥିଲେ ମଧ୍ୟ ବନବିଭାଗ ପକ୍ଷରୁ ଅସୁସ୍ଥ ହାତୀକୁ ଚିକିତ୍ସା ସୁବିଧା ଯୋଗାଇ ଦିଆ ଯାଇନଥିବା ଦେଖିବାକୁ ମିଳିଛି।




ପ୍ରକାଶ ଅପେକ୍ଷାରେ...
'କଥାକଳିକା'ର ଅକ୍ଟୋବର -୨୦୨୫
ପାର୍ବଣ ସଂଖ୍ୟା




ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ରାଜ କିଶୋର ଦାସ
**ସମକାଳର କଥା :** ଗଙ୍ଗାଧର ବିଶ୍ୱାଳ, ସଂଘମିତ୍ରା ମିଶ୍ର, ଅନୁସୂୟା ପଣ୍ଡା, ସୁଚିତ୍ରା ମିଶ୍ର, ରଞ୍ଜନ ପ୍ରଧାନ, ସୁକାନ୍ତି ରାଉତ, ସ୍ୱାଗତିକା ସେଠୀ।
**ଅନ୍ୟ ଭାଷାର କଥା :** ଲିଙ୍ଗରାଜ ମହାନ୍ତି
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରତାପ କୁମାର ପଣ୍ଡା ଓ ରୁମିନନ୍ଦ।
**ଏବଂ ଶେଷରେ....**
**ବିଶେଷ କଥା :** ଅଶୋକ ବିଶ୍ୱାଳ, ପ୍ରଣିତା ରାଣୀ ବେହେରା।
(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

